## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଅମରପାଲି,(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଖଣ୍ଡହତା ପଞ୍ଚାୟତର ବଡକିରାସିରା ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ଗ୍ରାମର ଶମ୍ଭୁ ନାଏକ (୩୫) । ଗୁରୁବାର ରାତିରେ ଶମ୍ଭୁ ଗ୍ରାମରେ ହେଉଥିବା ଦଣ୍ଡ ନାଚ ଦେଖି ରାତି ୧୦ଟା ବେଳେ ଶୋଇବାକୁ ଆସିଥିଲେ । ସକାଳୁ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁବଳୟା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦) ରୁଜୁ କରିଛି । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ଜଣକ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି ।

# ଅଟକିଥିବା କାମ ତ୍ୱରାନ୍ୱିତ

**ସୋନପୁର,୧୮।୧୨(ନି.ପ୍ର.)**

**ଅଙ୍ଗ ସେଚ ସମ୍ପ୍ରସାରଣ ଯୋଜନା**
- ଖଲିଆପାଲି, ରୁଗୁଡିପାଲି ଓ କୀର୍ତ୍ତିପୁର ମାଇନର ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର
- ଖରିଫରେ ୧୩,୫୦୯ ହେକ୍ଟର ଜମିକୁ ପାଣି ମାଡିବ

ସୁବର୍ଣ୍ଣପୁର ଜିଲାର ସୋନପୁର ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ। ଅନାବୃଷ୍ଟି ଯୋଗୁ ବ୍ଲକର ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଥାଏ। ମରୁଡି ଦାଉରୁ ଚାଷୀଙ୍କୁ ରକ୍ଷା କରିବା ପାଇଁ ୧୯୮୧ରେ ରାଜ୍ୟ ସରକାର ଅଙ୍ଗ ସେଚ ସମ୍ପ୍ରସାରଣ ଯୋଜନାର ପରିକଳ୍ପନା କରିଥିଲେ। ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ର ସମ୍ପ୍ରସାରଣ କାର୍ଯ୍ୟର ଶୁଭ ଦେଇଥିଲେ । ପରବର୍ତ୍ତୀ ସମୟରେ ଅନୁଦାନ ଅଭାବରୁ କାମ ବନ୍ଦ ଥିଲା । ୨୦୦୬ ଡିସେମ୍ବର ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଙ୍ଗାଲି ପଞ୍ଚାୟତର ବିଶାଳପାଲି ଠାରେ କେନାଲ ସମ୍ପ୍ରସାରଣ ପାଇଁ ପୁଣି ଶୁଭ ଦେଇଥିଲେ। କିନ୍ତୁ ପ୍ରକଳ୍ପ ଡିଜାଇନ୍‌ରେ ପରିବର୍ତ୍ତନ, ବ୍ୟୟ ଅଟକଳ ବୃଦ୍ଧି ଓ ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ଏହା ସାକାର ହୋଇ ପାରି ନ ଥିଲା। ପ୍ରକଳ୍ପ ଅଟକଳ ୨୬ କୋଟିରୁ ବଢି ୨୨୧ କୋଟିରେ ପହଞ୍ଚି ଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ଚାଷୀ ଚିନ୍ତାରେ ଥିଲେ। ତେବେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମ ପରେ ଅଟକି ରହିଥିବା କାମ ଏବେ ତ୍ୱରାନ୍ୱିତ ହୋଇପାରିଛି। ଚାଷୀଙ୍କ ଦୀର୍ଘ ୪ ଦଶନ୍ଧିର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଖରିଫରେ ବ୍ଲକର ୧୩,୫୦୯ହେକ୍ଟର ଜମି ଜଳସେଚିତ ହୋଇପାରିବ। ପଣ୍ଡକିଟାଲ ଠାରୁ ସୋନପୁର ପର୍ଯ୍ୟନ୍ତ ସୋନପୁର ଡିଷ୍ଟ୍ରିବ୍ୟୁଟାରୀ କେନାଲର ଲମ୍ବ ୧୮.୧୫ କିଲୋମିଟର। ସେଥିମଧ୍ୟରୁ ପଣ୍ଡକିଟାଲ ମାଇନର, ଚନ୍ଦ୍ରପୁର ଓ ଜଗନ୍ନାଥପୁର ସବ୍‌ମାଇନରର ୧୫ କିଲୋମିଟର କେନାଲ ଖୋଳା ସରିଥିବା ବେଳେ ଜଙ୍ଗଲ ଜମି ଅଧିଗ୍ରହଣରେ ସମସ୍ୟା ଯୋଗୁ କାମ ବାକି ଅଛି। ପ୍ରକଳ୍ପ ପାଇଁ ଷ୍ଟେଜ୍ ୧ କ୍ଲିଅରାନ୍ସ ମିଳିଛି। ତେବେ ଷ୍ଟେଜ୍ ୨ କ୍ଲିଅରାନ୍ସ ପାଇଁ ଜମି ଚିହ୍ନଟୀକରଣ କାର୍ଯ୍ୟ ସରିଛି। ପ୍ରତିବଦଳରେ ଭାଲୁଡୁଙ୍ଗୁରି, କୁଲଖିଆପଦର ଓ ପାଇକବାହାଲଠାରେ ମୋଟ ୬୦ହେକ୍ଟର ଜମିରେ ନୂଆ ଜଙ୍ଗଲ ସୃଷ୍ଟି କରାଯିବ। ସେହିପରି ରୁଗୁଡିପାଲି ଡିଷ୍ଟ୍ରିବ୍ୟୁଟାରୀର ମୋଟ ୭.୨କିଲୋମିଟରରୁ ୩ କିଲୋମିଟର କେନାଲ ଖୋଳା ସରିଛି। ଏହାବ୍ୟତୀତ ରୁଗୁଡିପାଲି ଡିଷ୍ଟ୍ରିବ୍ୟୁଟାରୀ ସିଷ୍ଟମର ଖଲିଆପାଲି ମାଇନର, ରୁଗୁଡିପାଲି ମାଇନର ଓ କୀର୍ତ୍ତିପୁର ମାଇନର ପାଇଁ ଜଳସେଚନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କର୍ଲାଖମନ, ମୟୂରଉଡାନ, ରୁଗୁଡିପାଲି, କୀର୍ତ୍ତିପୁର, ଖଲିଆପାଲି ଓ ଗୋବିନ୍ଦପୁର ଗ୍ରାମର ଚାଷୀ ଉପକୃତ ହେବେ । ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୨୦୦ହେକ୍ଟର ଜମକୁ ଜଳସେଚିତ କରିବାର ଯୋଜନା ରହିଛି। ଖୁବଶୀଘ୍ର ଏହି କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲୀପ କୁମାର ପାତ୍ର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର

**ଦେଓଗାଁ, ୧୮।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ବସଷ୍ଟାଣ୍ଡ ଓ ଏଟିଏମ ଛକ ମଝିରେ ୨୬ ନଂ. ଜାତୀୟ ରାଜପଥ ଉପରେ ଶୁକ୍ରବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ଧାନ ବୋଝେଇ ଟ୍ରାକ୍ଟର ଓଲଟି ପଡିଛି। ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ବିପରିତ ଦିଗରୁ ଆସୁଥିବା ଗାଡି ଅଳ୍ପକେ ଧକ୍କା ହେବାରୁ ବର୍ତ୍ତିଯାଇଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଟ୍ରାକ୍ଟର ଅର୍ଡାରୁ ତୁଷୁରାର ଏକ ମିଲକୁ ଧାନ ନେଉଥିବା ବେଳେ ଓଲଟି ପଡିଛି। ଆବଶ୍ୟକରୁ ଅଧିକ ଓଜନର ଧାନ ଲୋଡ ହୋଇ ରାଜରାସ୍ତାରେ ଯାଉଥିବାରୁ ଏଭଳି ଦୁର୍ଘଟଣା ନଜରକୁ ଆସୁଛି ବୋଲି ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି।

### ପରୀକୁ ନ୍ୟାୟ ପାଇଁ ପଦଯାତ୍ରା

**ବରଗଡ଼ ଅଫିସ୍/ଝାରବନ୍ଧ,୧୮।୧୨:** ନୟାଗଡ଼ ପରୀ ହତ୍ୟା ମାମଲାର ତାତି ବରଗଡ଼ରେ ଦେଖିବାକୁ ମିଳିଛି । ଶୁକ୍ରବାର ଭାଜପାର ପଦ୍ମପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ମୃତ ଶିଶୁକନ୍ୟା ପରୀକୁ ନ୍ୟାୟ ଦାବିରେ ପଦଯାତ୍ରା ହୋଇଥିଲା। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଏକ ପଦଯାତ୍ରାରେ ଝାରବନ୍ଧରୁ ବାହାରି ବିଜାଢ଼ୋଲ ପର୍ଯ୍ୟନ୍ତ ଯାଇଥିଲେ । ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ, ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ପାଇଁ ସେମାନେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ସରପଞ୍ଚ ଧନମତୀ ପାଣ୍ଡେ, ଦୁର୍ଗାପ୍ରସାଦ ଅଗ୍ରୱାଲ, ହରିହର ସାହୁ, ପ୍ରୀତେଶ ବହିଦାର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ରାଜ୍ୟସ୍ତରୀୟ କଳା ଉତ୍ସବ ପାଇଁ ୬ ମନୋନୀତ

**ଭବାନୀପାଟଣା, ୧୮।୧୨ (ଡି.ଏନ.ଏ.):** ବଲାଙ୍ଗୀରଠାରେ ଅନୁଷ୍ଠିତ ଜୋନାଲସ୍ତରୀୟ କଳା ଉତ୍ସବରେ କଳାହାଣ୍ଡି ଜିଲାର ୬ ଜଣ ଛାତ୍ରୀଛାତ୍ର ଭାଗ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଉଛନ୍ତି ଲୋକନୃତ୍ୟରେ ସୀମାରରାଣୀ ମହାରଣା, ବାଦ୍ୟଯନ୍ତ୍ରରେ ନେନସୀ ପାତ୍ର, ଚିତ୍ରକଳାରେ ସ୍ମିତିରଞ୍ଜନ ବେହେରା, ମହିମ କୁମାର ପଟେଲ, ଶାସ୍ତ୍ରୀୟ କଣ୍ଠ ସଙ୍ଗୀତରେ ଅନ୍ତରା ପଟ୍ଟନାୟକ ଓ ପାରମ୍ପରିକ ଲୋକଗୀତରେ ଜୁଲି ପଟ୍ଟନାୟକ। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ସମସ୍ତ ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଉତ୍ସାହିତ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ନିଶଙ୍କ, ଅନୁସୂଚିତ ଜାତି, ଜନଜାତି ସଂଯୋଜକ ଶ୍ରଦ୍ଧାଞ୍ଜଳି ଦାସ ତଥା ମୋ ସ୍କୁଲ ସଂଯୋଜକ ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ବିଦ୍ୟୁତ୍ କର୍ମଚାରୀଙ୍କ ଧାରଣା

**ବରଗଡ଼ ଅଫିସ୍,୧୮।୧୨:** ୱେସ୍କୋକୁ ଟାଟା ପାୱାରକୁ ବିକ୍ରି ନେଇ ବିଦ୍ୟୁତ କର୍ମଚାରୀ ମହଲରେ ଅସନ୍ତୋଷ ତେଜି ଉଠିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବରଗଡ଼ ସ୍ଥିତ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଆଗରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ଶୁକ୍ରବାର ବିଦ୍ୟୁତ କର୍ମଚାରୀମାନେ ସ୍ଥାନୀୟ ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଆମ୍ ଆଦମୀ ପାର୍ଟି(ଆପ୍)ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ ଧାରଣାକୁ ସମର୍ଥନ କରିବା ସହିତ ସେଠାରେ ଉଦବୋଧନ ଦେଇଥିଲେ ।

### ବର୍ଷୀୟାନ ରାମଲୀଳା କଳାକାରଙ୍କ ପରଲୋକ

**ଦେଓଗାଁ, ୧୮।୧୨ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜାରାସିଂହାର ଶୁକ୍ରବାର ଜଣେ ବର୍ଷିଆନ ରାମଲୀଳା କଳାକାର ଅନିରୁଦ୍ଧ ମେହେର (୭୫)ଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅନିରୁଦ୍ଧଙ୍କ ଜରାସିଂହାସ୍ଥିତ ବାସଭବନରେ ପରଲୋକ ହୋଇଥିଲା । ସେ ଗାଁ ମଞ୍ଚରେ ଦୀର୍ଘ ୫୦ ବର୍ଷ ଧରି ରାମଲୀଳା ନାଟକରେ ଲକ୍ଷ୍ମଣ ଭୂମିକାରେ ନିଖୁଣ ଅଭିନୟ କରି ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ତଥା କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କ ୪ଝିଅ ଉପସ୍ଥିତ ଥିବା ବେଳେ ତାଙ୍କୁ ପୁତୁରା ପୁଅ ହେମନ୍ତ ମେହେର ମୁଖାଗ୍ନି ଦେଇଥିଲେ।

## ଗୌଡ଼ଗାଡ଼କୁ ହରାଇ ହିଲୁଙ୍ଗ କ୍ୱାର୍ଟରରେ

**ଅମରପାଲି,୧୮।୧୨(ଡି.ଏନ.ଏ.)**

**ଅମରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସ ଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ହେଉଥିବା ୨୭ତମ ଅମରପାଲି କ୍ରିକେଟ କପ୍‌ର ତୃତୀୟ ଦିବସରେ ଗୌଡଗାଡକୁ ହରାଇ ହିଲୁଙ୍ଗ କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚଟି ଗୌଡଗାଡ ଓ କୁସୁର୍ଡା ମଧ୍ୟରେ ହୋଇଥିଲା । କୁସୁର୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୮୨ ରନ କରିଥିଲା । ଜବାବରେ ଗୌଡଗାଡ ଦଳ ୯ ଓଭରରେ ୫ ଉଇକେଟ ହରାଇ ୮୩ ରନ କରି ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଗୁଦଗୁଦା ଓ ହିଲୁଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ହିଲୁଙ୍ଗ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୭୯ ରନ କରିଥିବା ବେଳେ ଗୁଦଗୁଦା ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ କରି ପରାସ୍ତ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ଗୌଡଗାଡ ଓ ଦ୍ୱିତୀୟ ମ୍ୟାଚର ବିଜେତା ହିଲୁଙ୍ଗ ମଧ୍ୟରେ ହୋଇଥିବା ମ୍ୟାଚରେ ହିଲୁଙ୍ଗ ୯୫ ରନ କରିଥିବା ବେଳେ ଗୌଡଗାଡ ୮୪ ରନ କରି ପରାସ୍ତ ହୋଇଥିଲା। ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ ଦୁଃଶାସନ ସାହୁ ମୁଖ୍ୟଅତିଥି ଏବଂ ଶିକ୍ଷକ ଯଦୁମଣି ବାଘ ଓ କହ୍ନେଇଚରଣ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିଲୁଙ୍ଗର କୁନା ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ ।



ବରଗଡ଼ ଜନସ୍ୱାସ୍ଥ୍ୟ ଅଫିସ ଆଗରେ ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ ।

## ଜନସ୍ୱାସ୍ଥ୍ୟ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ସହରରେ ପାନୀୟଜଳ ସମସ୍ୟାର ସମାଧାନ ଦାବିରେ ଶୁକ୍ରବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ଅଧିକାରୀଙ୍କ ଅଫିସ ଆଗରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବରଗାଁସ୍ଥିତ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ, ବିଭିନ୍ନ ୱାର୍ଡ଼ରେ ନୂତନ ଭାବେ ବିଛାଯାଇଥିବା ପାଇପ୍‌ରେ ଜଳ ଯୋଗାଣ, ପୁରୁଣା ପାଇପ୍ ବଦଳାଯାଇ ନୂତନ ପାଇପ ସଂଯୋଗ କରାଯିବା ଆଦି ଦାବି କରି ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଦଳର ବରଗଡ଼ ନଗର ମହିଳା ଯୁବମୋର୍ଚ୍ଚା ସଭାନେତ୍ରୀ ମମତା ଅଗ୍ରୱାଲଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୀମା ସିଂ, ମଧୁ ଜୈନ, ଚଞ୍ଚଳା ରାଉତ, ରୀନା ବିଭାର ପ୍ରମୁଖ ସାମିଲ ହୋଇଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ନଗର ସଭାପତି ସୁବ୍ରତ ହୋତା, ବିଜୟ ଦାଶ, ମହେଶ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

## କୁକୁଡ଼ା ପାଳନ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଡୁଙ୍ଗୁରିପାଲି,୧୮।୧୨(ଡି.ଏନ.ଏ.)**

ଡୁଙ୍ଗୁରିପାଲି ପ୍ରାଣୀ ଚିକିତ୍ସାଳୟ ପରିସରରେ ଚାଲିଥିବା ୫ଦିନିଆ କୁକୁଡା ପାଳନ ସମ୍ବନ୍ଧୀୟ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମରୁ କୁକୁଡା ପାଳନ କରୁଥିବା ଓ କୁକୁଡା ପାଳନ ପାଇଁ ଆଗ୍ରହୀ ଥିବା ୩୦ ଜଣ ଚାଷୀ ଯୋଗ ଦେଇଥିଲେ। ତାଲିମ ଶିବିରକୁ ଡା. ବୀରବର ବେହେରା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଓ ଡା. ଅଶେଷ କର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସୋନପୁର ଉଦ୍‌ଘାଟନ କରିଥିଲେ । ଡା. ପ୍ରତାପ ରୁଦ୍ର ସାହୁ, ଡା. ନୃସିଂହଚରଣ ସାହୁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିନିକା, ଡା. ସନ୍ତୋଷ ସ୍ୱାଇଁ, ଡା. କମଳ ପ୍ରଧାନ, ଏସ. ମହାରଣା, ମିଶନ ଶକ୍ତି ବ୍ଲକ ସଂଯୋଜିକା ସୁନନ୍ଦା ମିଶ୍ର, ସହକାରୀ ପ୍ରବନ୍ଧକ ଆନ୍ଧ୍ରା ବ୍ୟାଙ୍କ ଶଶିକାନ୍ତ ସିଆଲ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଡା. ଝସକେତନ ପଶାୟତ, ଭାରପ୍ରାପ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଡା. ତେଜରାଜ ବାଗ ଶିବିର ପରିଚାଳନା କରିଥିଲେ ।

## ଖଇରମାଳ ଫୁଟ୍‌ବଲ: ବ୍ରାହ୍ମଣୀ ତୁରୁମ୍ ସେମିରେ

**ବିନିକା,୧୮।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ଖଇରମାଳ ଗ୍ରାମର ହରିଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ୍ କପ୍ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିବସ ଫୁଟବଲ ଖେଳରେ ସମ୍ବଲେଶ୍ୱରୀ ସ୍ପୋର୍ଟସ କ୍ଲବ୍ , ବ୍ରାହ୍ମଣୀ ତୁରୁମ , ଜାଲପାଳି , ଖୁର୍ଦ୍ଦିଆବାହାଲ ଦଳ ଅଂଶଗ୍ରହଣ କରିଥିଲେ । ପ୍ରଥମ ମ୍ୟାଚ୍ ସମ୍ବଲେଶ୍ୱରୀ ସ୍ପୋର୍ଟସ କ୍ଲବ ଓ ବ୍ରାହ୍ମଣୀ ତୁରୁମ ମଧ୍ୟରେ ହୋଇଥିଲା । ଏହି ଖେଳରେ ବ୍ରାହ୍ମଣୀ ତୁରୁମ ୧-୦ ଗୋଲରେ ସମଲେଶ୍ୱରୀ ସ୍ପୋର୍ଟସ କ୍ଲବକୁ ପରାସ୍ତ କରି ବିଜୟ ଲାଭ କରିଥିଲା । ଦ୍ୱିତୀୟ ମ୍ୟାଚ୍ ଜାଲପାଳି ଓ ଖୁର୍ଦ୍ଦିଆବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜାଲପାଳି ଦଳ ୨-୧ ଗୋଲରେ ଖୁର୍ଦ୍ଦିଆବାହାଲ ଦଳକୁ ପରାସ୍ତ କରି ବିଜୟ ଲାଭ କରିଥିଲା । ଏହାପରେ ଚତୁର୍ଥ ଦିବସର ସେମିଫାଇନାଲ ମ୍ୟାଚ୍ ବ୍ରାହ୍ମଣୀ ତୁରୁମ ଓ ଜାଲପାଳି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାକୁ ଗୋଲ୍ କରି ନ ପାରିବା କାରଣରୁ ପେନାଲଟି ଶୁଟ୍‌ଆଉଟ୍ ହେଲା। ଏଥିରେ ବ୍ରାହ୍ମଣୀ ତୁରୁମ ଦଳ ଜାଲପାଳି ଦଳକୁ ୫-୩ ଗୋଲ୍‌ରେ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି । ୪ର୍ଥ ଦିବସ ମ୍ୟାଚ୍‌ର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇଆଇଏମ୍ଏସ୍ ଭୁବନେଶ୍ୱରର ସମ୍ପାଦକ ସଞ୍ଜିତ୍ ରୋଶନ ପଟ୍ଟନାୟକ ଯୋଗ ଦେଇ ମ୍ୟାଚ୍‌ରେ ଭାଗ ନେଇଥିବା ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏଥିସହିତ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ଜାଲପାଳି ଦଳର ଚିନୁ ପାଢୀ ଓ ବ୍ରାହ୍ମଣୀ ତୁରୁମ ଦଳର ମୁକେଶ ମହାଲିଙ୍ଗଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ କ୍ଷୀରସାଗର ବିଭାର, ଶ୍ରୀବତ୍ସ ମଣ୍ଡଳ, ରାମଜୀ ପଧାନ, ଜୟଲାଲ ଯୋଗ ଦେଇଥିଲେ । ଶନିବାର ଖଇରମାଳ ଫୁଟବଲ ମ୍ୟାଚ୍‌ର ଫାଇନାଲ ଖେଳ । ସେମିଫାଇନାଲକୁ ଉତୀର୍ଣ୍ଣ ହୋଇଥିବା ଆଖିଦାଦର, ତୁରୁମ, ମିର୍ଦ୍ଦାପଡା ଓ ବ୍ରାହ୍ମଣୀ ତୁରମ ମଧ୍ୟରେ ନିର୍ଣ୍ଣାୟକ ଖେଳ ହେବ ।

## କ୍ରିକେଟ ଟୁର୍ନାମେଣ୍ଟ: ସେମିଫାଇନାଲରେ ସରଗଡା

**ଦେଓଗାଁ, ୧୮।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅନ୍ତର୍ଗତ ସାଲେପାଲିର ଡମ୍ବରୁଧର ଷ୍ଟାଡିୟମରେ ସାହାରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ ଗାର୍ଗବ ମେହେର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ତୃତୀୟ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବଗଡା ଓ ଲିଖିରିଆ ଦଳ ମଧ୍ୟରେ ହୋଇଥିଲା। ଏଥିରେ ଲିଖିରିଆ ଦଳ ୨ ଉଇକେଟରେ ବିଜୟୀ ହୋଇଥିଲା । ରୁଷୁଡା ଓ ସରଗଡା ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସରଗଡା ବିଜୟୀ ହୋଇଥିଲା। ପରେ ସରଗଡା ଓ ଲିଖିରିଆ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସରଗଡା ଦଳ ୧୦ ରନରେ ବିଜୟୀ ହୋଇ ତୃତୀୟ ଟିମ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ମଣ୍ଟୁ ସାମଲ ଓ ଦୁର୍ବାଦଳ ପଶାୟତ ଧାରାବିବରଣୀ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ଗିରିରାଜ ସିଂ, ସମ୍ମାନିତ ଅତିଥି ଶୁଭଙ୍କର ବୁନିଆ ପ୍ରମୁଖ ଯୋଗଦେଇଥିଲେ ।

## ଜିଲା ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ

**ଖପ୍ରାଖୋଲ,୧୮।୧୨(ଡି.ଏନ.ଏ.):** ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହଠାରେ ଜିଲା ଶିଶୁ ମଙ୍ଗଳ କମିଟିର କ୍ୟାମ୍ପ କୋର୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠି ଉନ୍ନୟନ ଅଧିକାରୀ ତରଣୀ ସୁନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ୟାମ୍ପ କୋର୍ଟରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଯୁଗେଶ୍ୱର ମହାନ୍ତି, କମିଟି ସଦସ୍ୟ ଡ. ଗୋଦାବରିଶ ରଥ, ବିରଞ୍ଚି ବହିଦାର, ସିଡିପିଓ ପ୍ରମିଳା ମହାନ୍ତି, ଜିଲା ଶିଶୁ ସୁରକ୍ଷା ସଦସ୍ୟ ଅରୁଣ କୁମାର ଖୁଆସ୍, ବଦ୍ରିନାଥ ଠାକୁର, ସାରିକା ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ବ୍ଲକରେ ଚିହ୍ନଟ ମାତୃପିତୃହୀନ ଓ କେବଳ ମାତା କିମ୍ବା ପିତାଙ୍କ ଅଧୀନରେ ଥିବା ଶିଶୁମାନଙ୍କ ସୁରକ୍ଷା, ଥଇଥାନ୍ ଏବଂ ଯତ୍ନ ନେଇ ବ୍ଲକର ୫୨ଟି ଅସହାୟ ଚିହ୍ନଟ ଶିଶୁଙ୍କ ଅଭିଭାବକଙ୍କୁ ଡକାଇ ତଦନ୍ତ କରିଥିଲେ। ଏହି ଅବସରରେ ଆଇସିଡିଏସ୍ ସୁପରଭାଇଜର ପଙ୍କଜିନି ମିଶ୍ର, ସୁମିତ୍ରା ମାଝି, ଅଞ୍ଜଳୀ ମିଶ୍ର, ଶକୁନ୍ତଳା କୁମ୍ଭାର, ମାଧବିଲତା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ନୂଆଗୁଡ଼ାବାସୀ

**ଜୁନାଗଡ,୧୮।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତ ନୂଆଗୁଡାବାସୀ ନିଶାମୁକ୍ତ ପାଇଁ ଅଣ୍ଟା ଭିଡଛନ୍ତି। ଏହି ଅବସରରେ ଗ୍ରାମକୁ ନିଶାମୁକ୍ତ କରିବା ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ଏକ ବୈଠକ ହୋଇଥିଲା। ଏଥିରେ ଗ୍ରାମର ପ୍ରତ୍ୟେକ ବର୍ଗର ଲୋକେ ସାମିଲ ହୋଇଥିଲେ। ବୈଠକରେ ଗ୍ରାମରେ ଚାଲିଥିବା ବେଆଇନ ମଦ କୋଠିଗୁଡିକ ବନ୍ଦ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ବେଆଇନ ମଦ କୋଠି ଉଚ୍ଛେଦ ସମ୍ପର୍କରେ ଜୁନାଗଡ ଥାନାଧିକାରୀ ଓ ଅବକାରୀ ଉପନିରୀକ୍ଷକଙ୍କୁ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ପ୍ରକାଶ ଯେ, ଗ୍ରାମରେ ବେଆଇନ ମଦ କୋଠିଗୁଡିକ ରହିଥିବାରୁ ସେଠାରୁ ମଦ ପିଇ ଯୁବପିଢୀ ପଥଭ୍ରଷ୍ଟ ହେଉଛନ୍ତି। ଗ୍ରାମରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ମହିଳାମାନେ ମଧ୍ୟ ମଦ୍ୟପ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେଉଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ନୂଆ କୃଷି ଆଇନକୁ ଆପ୍‌ର ବିରୋଧ

**ବରଗଡ଼ ଅଫିସ୍,୧୮।୧୨**

ଆମ ଆଦମୀ ପାର୍ଟି(ଆପ୍)ର ଓଡ଼ିଶା ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ବରଗଡ଼ ଗସ୍ତରେ ଆସି କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରିବା ସହିତ ଚାଷୀଙ୍କ ଲଢ଼େଇରେ ସାଥ୍ ଦେବାକୁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ଏହାସହିତ ଆସନ୍ତା ପୌର ନିର୍ବାଚନରେ ବରଗଡ଼ ଜିଲାରେ ଆପ୍ ଲଢ଼ିବ ବୋଲି ସେ ସୂଚନା ଦେଇଥିଲେ । ଏବେଠାରୁ ସେଥିପାଇଁ ରଣନୀତି ପ୍ରସ୍ତୁତ ସହିତ ଜନସାଧାରଣଙ୍କ ପାଖକୁ ପହଞ୍ଚିବା ପାଇଁ ମହାପାତ୍ର ପରାମର୍ଶ ଦେଇଥିଲେ। ବୈଠକରେ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର ଉପସ୍ଥିତ ଥିଲେ ।

## ୩ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

**ସୋନପୁର,୧୮।୧୨(ନି.ପ୍ର.)**

**ଆଟ ଜମିରେ ଧାନ ଚାଷ ଦର୍ଶାଇବା ମହଙ୍ଗା ପଡ଼ିଲା**

ଆଟ କିସମ ଜମିରେ ଧାନ ଚାଷ ହୋଇଥିବା ଦର୍ଶାଇବା ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ୩ ଜଣ ଆରଆଇଙ୍କୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଉଲୁଣ୍ଡା ଆରଆଇ ପ୍ରତ୍ୟୁଷ ରଞ୍ଜନ ପଧାନ, ସୋନପୁର ତହସିଲ ବିଶିମୁଣ୍ଡା ଆରଆଇ ସ୍ନିଗ୍ଧାମୟୀ ପରୁଆ ଓ ବୀରମହାରାଜପୁର ତହସିଲ ମୁଷୁଣ୍ଡି ଆରଆଇ ଯୋଗେଶ୍ୱର ମହାନନ୍ଦ। ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଆଟ କିସମ ଜମି, କପା ଚାଷ ହୋଇଥିବା ଜମି ଓ ପଡିଆରେ ଧାନ ଚାଷ ହୋଇଥିବା ଦର୍ଶାଇଥିଲେ। ଜିଲାପାଳ ଏଥିରେ ସନ୍ଦେହ ପ୍ରକାଶ କରି ଆଟ କିସମ ଜମିରେ ଧାନ ଚାଷ ହୋଇଛି କି ନାହିଁ କ୍ଷେତ୍ରୀୟ ତଦନ୍ତ କରିବାକୁ ସମ୍ପୃକ୍ତ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆରଆଇମାନେ ଧାନ ଚାଷ ହୋଇଥିବା ରିପୋର୍ଟ କରିଥିଲେ। ରାଜ୍ୟସ୍ତରୀୟ ଏକ୍ ଟିମ୍ ପୁନଃ ଯାଞ୍ଚ କରିବା ପରେ ଏଥିରେ ଅନିୟମିତତା ଜଣା ପଡିଥିଲା। ତଦନ୍ତ ସମୟରେ ଉଲୁଣ୍ଡାରେ ଚାଷୀଙ୍କ ପ୍ରକୃତ ଜମିକୁ ଅଧିକ ଦର୍ଶା ଯାଇଥିବା ବେଳେ ବିଶିମୁଣ୍ଡା ଆରଆଇ ଆବାସିକ ଗୃହ, ଗ୍ୟାରେଜ୍ ନିର୍ମାଣ ହୋଇଥିବା ଜମିକୁ ଧାନ ବିଲ ଦର୍ଶାଇଥିଲେ। ସେହିପରି ମୁର୍ଷୁଣ୍ଡି ଆରଆଇ କପା ଚାଷ ହୋଇଥିବା ଜମିରେ ଧାନ ଚାଷ ଦର୍ଶାଇ ଥିବା ଜଣା ପଡିଥିଲା। ପ୍ରକାଶ ଯେ, ଜିଲାରେ ଧାନ କିଣାରେ ବହୁ କୋଟି ଟଙ୍କାର ଦୁର୍ନୀତି ହେଉଛି । ଏହି ଦୁର୍ନୀତି ଦୀର୍ଘ ବର୍ଷ ଧରି ଚାଲି ଆସିଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ସରକାର ଦେଉଥିବା ସର୍ବନିମ୍ନ ସହାୟକ ମୂଲ୍ୟକୁ ଅସାଧୁ ବ୍ୟବସାୟୀ ହଡପ କରୁଥିଲେ। ଧାନ ବିକ୍ରି ପାଇଁ ଚାଷୀ ରେଜିଷ୍ଟ୍ରେସନ ସମୟରେ ଖେଳ ପଡିଆ, ଆଟ ଜମି ଓ କପା ଚାଷ ହୋଇଥିବା ଜମିରେ ଧାନ ଚାଷ ହୋଇଥିବା ଦର୍ଶା ଯାଉଥିଲା। ଚଳିତବର୍ଷ ଜିଲାର ୨୮୬୧ଜଣ ଚାଷୀ ୧୦ଏକରରୁ ଅଧିକ ଜମିରେ ଧାନ ଚାଷ କରିଥିବା ଦର୍ଶାଇଥିଲେ। ଯାହାର ପରିମାଣ ୩୭ ହଜାର ୮୪୫ଏକର। ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତ ସମୟରେ ୮୧୭ଜଣ ପଞ୍ଜୀକୃତ ଚାଷୀଙ୍କ ଜମିର ପରିମାଣ କମ ଥିଲା। ୫୩୩୨ ଏକର ଜମିରେ ଧାନ ଚାଷ ହୋଇ ନ ଥିବା ଜଣା ପଡିଥିଲା । ଅସାଧୁ ବ୍ୟବସାୟୀ ଜମି ପଟ୍ଟା ଦେଖାଇ ନାମ ପଞ୍ଜୀକରଣ କରିବା ପରେ ଟୋକନ ହାସଲ କରି ସରକାରଙ୍କ କୋଟି କୋଟି ଟଙ୍କା ହଡପ କରୁଥିଲେ । ତେବେ ତହସିଲଦାରମାନେ ମଧ୍ୟ ଏଥିରେ ଦୋଷୀ ବୋଲି ସାଧାରଣରେ ଆଲୋଚନା ହେଉଛି ।


**ନବମ ଜନ୍ମଦିନ ଶୁଭେଚ୍ଛା**



**ସତ୍ୟପ୍ରକାଶ ପାତ୍ର (ସୋମ୍)**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ନୀରୋଗ ଓ ଦୀର୍ଘାୟୁ କରନ୍ତୁ।

-:ଶୁଭେଚ୍ଛା ସହ:-
ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପାପା, ଛୁଆ ପାପା, ତୋର ସାନ ଭଉଣୀ ମାମା ଓ ଅଜା ଆଈ ।

ଧ-୧୨୨୮୦

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବନ୍ଧକ ଋଣ**
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365



**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏନ୍‌ଟିପିସି ପକ୍ଷରୁ କୁକୁଡା ଛିଆଁ ବଣ୍ଟନ

ହେମଗିର,(ଡି.ଏନ.ଏ): ଏନଟିପିସି କମ୍ପାନୀ ତାର କୋଇଲା ଖଣି ପାଇଁ ହେମଗିର ବ୍ଲକର ଡୁଲିଙ୍ଗା, ମଝାପଡା, ବେଲଡିହି, ଖପୁରିକଛାର ଗ୍ରାମକୁ ବିସ୍ଥାପିତ କରାଯାଉଛି । ଡୁଲିଙ୍ଗା, ମଝାପଡା, ଖପୁରିକଛାର ଗ୍ରାମର ୧୧୦ଟି ପରିବାର ଏନଟିପିସିର କଳାମେଘା ସ୍ଥିତ କଲୋନୀକୁ ବିସ୍ଥାପିତ ହୋଇ ସାରିଲେଣି । କମ୍ପାନୀ ବିସ୍ଥାପିତ ପରିବାରର ଆର୍ଥୀକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସମସ୍ତ କ୍ଷତିପୂରଣ, ଆନୁସଙ୍ଗିକ ସୁବିଧା ସହ ବର୍ତ୍ତମାନ କୁକୁଡା ପାଳନ ପାଇଁ ପ୍ରୋତ୍ସାହିତ କରୁଛି। ଶୁକ୍ରବାର କଲୋନୀ ଠାରେ ୩୦ଟି ପରିବାରକୁ ଉନ୍ନତମାନର ୨୫ଟି ଲେଖାଏଁ କୁକୁଡା ଛୁଆ ପ୍ରଦାନ କରିଛି । କମ୍ପାନୀର ଜିଜିଏମ ଚିତ୍ତରଞ୍ଜନ ବାରିକ, ଜିଲା ମୁଖ୍ୟପ୍ରାଣୀ ସମ୍ପଦ ଅଧିକାରୀ ବିକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧିପାଉଛି ବେଆଇନ ପଥରଖାଦାନ, କ୍ରଶର

ସମ୍ବଲପୁର,୧୮।୧୨(ବ୍ୟୁରୋ)


ଯୁଯୁମୁରା ତହସିଲ ଅନ୍ତର୍ଗତ ନୀଳଡୁଙ୍ଗୁରୀରେ ଥିବା ପଥରଖାଦାନ।

- ଜନବସତି ବି ବାଦ୍ ପଡୁନାହିଁ
- ସଂରକ୍ଷିତ ଜଙ୍ଗଲ ନିକଟରେ କ୍ରଶର
- ଗ୍ରାମ୍ୟ ଜଙ୍ଗଲ ପଦା କରାଯାଉଛି
- ଫାଇନ୍ କାଟି ତହସିଲ ଅଫିସ ଚୁପ

ସମ୍ବଲପୁର ଜିଲାରେ ବେଆଇନ ପଥର ଖାଦାନ ଓ କ୍ରଶର ବୃଦ୍ଧି ପାଇବାରେ ଲାଗିଛି। ପଥର ମାଫିଆମାନେ ଅବାଧରେ ଗ୍ରାମ୍ୟ ଜଙ୍ଗଲ, ପଥର ଚଟାଣ, ରୟତି ଜମିଗୁଡିକରେ ପଥର ଉତ୍ତୋଳନ କରୁଛନ୍ତି। ଏଥିରୁ ଜନବସତି ଅଞ୍ଚଳ ବି ବାଦ୍ ପଡୁନାହିଁ। କେତେକ ସ୍ଥାନରେ ଲିଜ୍ ଦିଆଯାଇଥିଲେ ବି ଏହାଠାରୁ ଅଧିକ ଅଞ୍ଚଳ ଖୋଳିନେଉଛନ୍ତି। ଏଥିରେ ରାଜସ୍ୱ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା କୁହାଯାଉଛି। ଅଞ୍ଚଳବାସୀ ଅଭିଯୋଗ କଲେ ତହସିଲ ପକ୍ଷରୁ ନିୟମକୁ ଆଖିଠାର ଭଳି କେବଳ ଚଢାଉ କରାଯାଉଛି। ମାଲିକମାନଙ୍କଠାରୁ କିଛି ଟଙ୍କାର ଫାଇନ କାଟି ତହସିଲ ଅଫିସ ଚୁପ।

ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରାଜସ୍ୱ ଟାର୍ଗେଟ ପୂରା କରିବା ପାଇଁ ତହସିଲ ପକ୍ଷରୁ ଚଢାଉ କରାଯାଉଛି। ଯଦି ଟାର୍ଗେଟ ପାଖାପାଖି ହୋଇ ରାଜସ୍ୱ ଆଦାୟ ହୋଇଗଲା ତା'ହେଲେ ବିଭିନ୍ନ ଆଳ ଦେଖାଇ ତହସିଲ ପକ୍ଷରୁ ଆଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସମ୍ବଲପୁର ଜିଲାରେ ପ୍ରାୟ ସମସ୍ତ ତହସିଲରେ ଏଭଳି ହେଉଥିବାବେଳେ ସହର ନିକଟ ରେଙ୍ଗାଲି, ଯୁଯୁମୁରା ତହସିଲରେ ଅଧିକ ଚାଲୁଥିବା ଅଭିଯୋଗ ହେଉଛି। ଏହି ତହସିଲ ଅଧୀନରେ ପଥରଖାଦାନ ସୈରାତ ସାଙ୍ଗକୁ ବାଲି ଖାଦାନ ମଧ୍ୟ ରହିଛି। କୋଭିଡ୍ ପାଇଁ ଲିଜ୍ ସମୟସୀମା ବୃଦ୍ଧି କରାଯାଇଥିଲା। ଏହାର ଫାଇଦା ମାଫିଆମାନେ ନେଉଛନ୍ତି। ଲିଜ୍ ବାବଦ ରାଜସ୍ୱ ପୂର୍ବରୁ ଜମା କରି ପଥର ଉତ୍ତୋଳନ କରିବା ନିୟମ ରହିଛି। ହେଲେ ପରେ ମଧ୍ୟ ମାଲିକମାନେ ଟଙ୍କା ଦେଉନାହାନ୍ତି। ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ କେବଳ ନୋଟିସ୍ କରି ଛାଡି ଦିଆଯାଉଛି। ଅନେକ କ୍ରଶର ଓ ପଥର ଖାଦାନ ସଂରକ୍ଷଣ ଜଙ୍ଗଲ ନିକଟରେ ରହିଛି। ଫଳରେ ବନ୍ୟପ୍ରାଣୀଙ୍କ ଯାତାୟାତ ଓ ଆଶ୍ରୟ ସୁରକ୍ଷିତ ରହୁନାହିଁ। ଏଭଳି ସ୍ଥାନରେ ତହସିଲ ପକ୍ଷରୁ ଅନୁମତି ଦିଆଯିବାକୁ କିଭଳି ସର୍ଭେ କରାଗଲା ବୋଲି ପରିବେଶବିତ୍ ପ୍ରଶ୍ନ କରୁଛନ୍ତି।

ଜନବସତି ଅଞ୍ଚଳରେ ବି ଅନୁମତି ପ୍ରଦାନ କରାଯାଉଛି। ଫଳରେ ଗ୍ରାମବାସୀ ବିପଦରେ ଜୀବନ କାଟୁଛନ୍ତି। ପଥରଖାଦାନରେ ବୋର୍‌ୱେଲ ହୋଲ କରି ବ୍ଲାଷ୍ଟିଂ କରାଯାଉଛି। ତେଣୁ ପାଖରେ ଥିବା ଘରକାନ୍ଥ ଫାଟିଯାଉଥିବା ଅଭିଯୋଗ ହେଉଛି। ଯୁଯୁମୁରା ତହସିଲ ନୀଳଡୁଙ୍ଗୁରୀରେ ଥିବା ପଥରଖାଦାନକୁ ଉଦାହରଣ ଭାବେ ନିଆଯାଇପାରେ। କ୍ରଶର ଆରମ୍ଭରୁ ବାରମ୍ବାର ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଅଭିଯୋଗ କରିଥିଲେ। ହେଲେ ଜାତୀୟ ରାଜପଥ କାମ ଥିବା କହି ପୋଲିସ ଲଗାଇ କ୍ରଶର ଓ ପଥର ଖାଦାନ ଆରମ୍ଭ କରାଗଲା। ନିୟମ ଅନୁସାରେ ୬ ମିଟରରୁ ଅଧିକ ଗାତ ଖୋଳିପାରିବେ ନାହିଁ। ହେଲେ ପଥର ଖାଦାନରେ ୧୨ରୁ ୧୫ ମିଟର ଗାତ ଖୋଳାଯାଇଛି। କେବଳ ନୀଳଡୁଙ୍ଗୁରୀ ନୁହେଁ, ପ୍ରାୟ ସମସ୍ତ ପଥରଖାଦାନରେ ମାଇନିଂ ନିୟମ ପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଉପଜିଲାପାଳ (ଆଇଏଏସ୍) ସୂର୍ଯ୍ୟବଂଶୀ ମୟୁର ବିକାଶ କହନ୍ତି, ବେଆଇନ କାମକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ନିୟମିତ ଭାବେ ଯାଞ୍ଚ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଖିଲାପକାରୀଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରିଆମାଳ କଲ୍ୟାଣ ମଣ୍ଡପରେ ପଞ୍ଚାୟତ ସମିତି ସମୀକ୍ଷା ବୈଠକ

ରିଆମାଳ, ୧୮।୧୨ (ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ସଦର ମହକୁମା କଲ୍ୟାଣ ମଣ୍ଡପ ଠାରେ ପଞ୍ଚାୟତ ସମିତି ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଚେୟାରମେନ ଗିତାଞ୍ଜଳୀ ହାତି ସଭାପତିତ୍ୱ କରିଥିଲେ । ବୈଠକରେ ସମ୍ବଲପୁର ସାଂସଦ ନିତେଶଗଙ୍ଗଦେବ ଏବଂ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହି ଯୋଗ ଦେଇଥିଲେ। ରିଆମାଳ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଉପରେ ସମୀକ୍ଷା କରିଥିଲେ । କୃଷି, ଶିକ୍ଷା, ଶିଶୁବିକାଶ, ସ୍ୱାସ୍ଥ୍ୟ, ପାନୀୟଜଳ, ପଶୁସମ୍ପଦ ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚମାନେ ନିଜର ପଞ୍ଚାୟତ ଅଭାବ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ଉପରେ ସୋଲାରଜଳ ପ୍ରକଳ୍ପ, ଗଭୀର ନଳକୂପ ପାଇଁ ସରକାରୀ ରିହାତି ଉପରେ କୃଷିସଂପ୍ରସାରଣ ଅଧିକରଣ କହିଥିଲେ। ମଞ୍ଚାସୀନ ଅତିଥିଭାବେ ବି.ଡି.ଓ. ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ ଉପାଧ୍ୟକ୍ଷ ବୈକୁଣ୍ଠ ପାଇକରାୟ, ରିଆମାଳ ଜୋନ ୧ର ଜିଲା ପରିଷଦ ସଭ୍ୟା କନକ ପ୍ରଧାନ ଏବଂ ଜୋନ ୨ର ନିଶାନୀ ବେହେରା ପ୍ରମୁଖ ସମୀକ୍ଷା ବୈଠକରେ ଥିଲେ ।

## ସଂକ୍ଷେପରେ

### ସିଡିଏମ୍‌ଓକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ସୁନ୍ଦରଗଡ, ୧୮।୧୨ (ଡି.ଏନ୍.ଏ): ସୁନ୍ଦରଗଡ ଏନଟିପିସି ମେଡିକାଲ କଲେଜ ପରିସରରେ ଥିବା କୋଭିଡ ହସ୍ପିଟାଲରେ ଅତିଶିଘ୍ର ଆଇସିୟୁ ଓ ଭେଣ୍ଟିଲେଟରର ସୁବିଧା ଯୋଗାଇ ଦେବା ଦାବିରେ ଗୁରୁବାର ବିଜେଡିର ଏକ ପ୍ରତିନିଧିଦଳ ସିଡିଏମ୍‌ଓ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତକରି ଆଲୋଚନା କରିଛନ୍ତି। ସୁନ୍ଦରଗଡ କୋଭିଡ ହସ୍ପିଟାଲ ଉପରେ ସୁନ୍ଦରଗଡ ସମେତ ପଡୋଶୀ ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟର ରୋଗୀମାନେ ମଧ୍ୟ ନିର୍ଭର କରୁଛନ୍ତି। କୌଣସି କୋଭିଡ ରୋଗୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଦାବି କରିଥିଲେ। ହେମଗିର ଡାକ୍ତରଖାନାରେ ମଧ୍ୟ ଆବଶ୍ୟକୀୟ ଡାକ୍ତର ଯୋଗାଇ ଦେବା ପାଇଁ ଦାବି କରିଥିଲେ। ବିଜେଡି ଟାଉନ୍ ସଭାପତି ସୁରେନ୍ଦ୍ର ଭିତ୍ରିଆଙ୍କ ନେତୃତ୍ୱରେ ଜିଲା ଯୁବ ବିଜେଡି ଉପସଭାପତି ବିସ୍ମୟ ପଟ୍ଟନାୟକ, ଧୀରଜ ପ୍ରସାଦ, ଆଇଟିସେଲ୍ ସଂଯୋଜକ ରୋଶନ ସାହୁ, ଟାଙ୍ଗରପାଲି ବ୍ଲକ ଯୁବ ବିଜେଡି ସଭାପତି ଅଜିତ ସିଂ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ୍ ହୋଇ ଆଲୋଚନା କରିଥିଲେ।

### ହାତୀ ଶୁଣ୍ଢରେ ଧରି ଫିଙ୍ଗିଲା: ଜଣେ ଗୁରୁତର

ବଡ଼ଗାଁ, ୧୮।୧୨ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଯାଜପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ରାତି ପ୍ରାୟ ଦେଢ଼ଟାରେ ଗାଁ ଭିତରକୁ ୪ଟି ବଣୁଆ ହାତୀ ପଶି ଆସିଥିବା ଜାଣି ଗ୍ରାମବାସୀ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ । ଏହି ସମୟରେ ଗ୍ରାମର ବିମଳ କେର୍କେଟା (୫୫) ଘରୁ ବାହାରି ଅନ୍ୟ ଜଣେ ପଡିଶା ଘରକୁ ଦୌଡି ପଳାଇବା ବେଳେ ହାତୀ ହାବୁଡରେ ପଡିଥିଲେ । ତାଙ୍କୁ ଶୁଣ୍ଢରେ ଧରି ହାତୀ ଫିଙ୍ଗି ଦେଇଥିଲା । ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୁନ୍ଦରଗଡ ଡାକ୍ତରଖାନା ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଯାଜପୁର ଗାଁକୁ ହାତୀ ଘଉଡାଇବା ପାଇଁ ଯାଇଥିବା ବନ କର୍ମଚାରୀମାନଙ୍କ ମଧ୍ୟରୁ ୩ଜଣ ଗାଡି ନିକଟରେ ଛିଡା ହୋଇଥିଲା ବେଳେ ହାତୀ ସେମାନଙ୍କୁ ଆକ୍ରମଣ ପାଇଁ ଉଦ୍ୟତ ହୋଇଥିଲା । ବଡଗାଁ ଅଞ୍ଚଳରେ ୨୪ଟି ହାତୀ ଥିବା ପଲ ୩ରୁ ୪ ଭାଗରେ ବିଭକ୍ତ ହୋଇ ଉପଦ୍ରବ କରି ଆସୁଛନ୍ତି ।

### ସ୍କୋର୍ପିଓ ଭଙ୍ଗାରୁଜା : ଜଣେ କୋର୍ଟ ଚାଲାଣ

ଲହୁଣୀପଡା, ୧୮।୧୨ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବରସୁଆଁ ପୂର୍ତ୍ତ ବିଭାଗ ରାସ୍ତାର ଦଲମକୁଚା (ଘାଟିତଳ)ଠାରେ ଏକ ସ୍କୋର୍ପିଓ କାଚ ଭାଙ୍ଗିବା ସହିତ ସ୍କୋର୍ପିଓରେ ବସିଥିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଓଡି ୧୪ ଡବ୍ଲୁ- ୨୭୯୯ ସ୍କୋର୍ପିଓ ଲହୁଣୀପଡା ପଟେ ଆସୁଥିବା ବେଳେ ଦଲମକୁଚା ଘାଟି ତଳଠାରେ ପହଞ୍ଚିଥିଲା । ସେଠାରେ ଥିବା କିଛି ଲୋକ ସ୍କୋର୍ପିଓକୁ ଅଟକାଇ କାହିଁକି ଏପଟେ ଗାଡି ଆଣିଲେ ବୋଲି ପାଟିତୁଣ୍ଡ କରିଥିଲେ । ଫଳରେ ସ୍କୋର୍ପିଓ ଆରୋହୀମାନେ ପାଟିତୁଣ୍ଡକୁ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ସ୍କୋର୍ପିଓର କାଚକୁ ଭାଙ୍ଗି ଦେଇଛନ୍ତି ବୋଲି ଲହୁଣୀପଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଦଲମକୁଚା ଘାଟିତଳ ଗ୍ରାମର ସୁଗାଲ ମୁଣ୍ଡା (୨୦)କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

### ମାଣ୍ଡିଆମଣ୍ଡି ଉଦ୍‌ଘାଟିତ

କୁଆଁରମୁଣ୍ଡା,୧୮।୧୨(ଡି.ଏନ.ଏ.)- କୁଆଁରମୁଣ୍ଡା କୃଷି ସହାୟକ କେନ୍ଦ୍ର ପରିସରରେ ଲ୍ୟାମ୍ପ୍‌ସ ପକ୍ଷରୁ ମାଣ୍ଡିଆ କ୍ରୟ ଶୁଭାରମ୍ଭ କରାଯାଇଛି । ପ୍ରଥମ ଦିନରେ ଡୁମେରଯୋର, କଚାରୁ, ଝାରବେଡା, କାଲୋସିହିରିଆ, ପୁଟ୍ରିଖମଣ ପଞ୍ଚାୟତର ୬୨ ଜଣ ଚାଷୀଙ୍କ ଠାରୁ ୯୨ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଛି। ମାଣ୍ଡିଆର ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୨୯୫ଟଙ୍କା ହିସାବରେ ଚାଷୀଙ୍କୁ ପୈଠ କରାଯାଇଛି। କାର୍ଯ୍ୟକ୍ରମରେ ଟିଡିସିସିର ପରିଚାଳନା ନିର୍ଦ୍ଦେଶକ ଜେ.ପି ମହାନ୍ତି, କୁଆଁରମୁଣ୍ଡା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରା, ଅର୍ପଣ ଦାସ, ମାନସ ରାଉତ୍ ଉପସ୍ଥିତ ଥିଲେ।

# ସିଏସ୍‌ଓ ଅଫିସ ଘେରିଲା ଜିଲା ଭାଜପା

ସମ୍ବଲପୁର,୧୮।୧୨(ବ୍ୟୁରୋ)


ଜିଲା ଭାଜପା କର୍ମକର୍ତ୍ତା ସିଏସ୍‌ଓଙ୍କ ସହ ଆଲୋଚନା କରୁଛନ୍ତି ।

**ଧାନ ସଂଗ୍ରହରେ ଅବ୍ୟବସ୍ଥା**

ଚଳିତ ଖରିଫ ଧାନ ସଂଗ୍ରହରେ ସମଗ୍ର ଜିଲାରେ ଅବ୍ୟବସ୍ଥା ଦେଖାଦେଇଛି। ଏହାକୁ ନେଇ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ସିଏସ୍‌ଓ ଅଫିସ ଘେରାଉ କରାଯାଇଥିଲା। ଯୋଗାଣ ବିଭାଗ ଅଫିସରେ ଭିତର ପଟୁ ତାଲା ଦେଇ ଭାଜପା କର୍ମକର୍ତ୍ତା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ସହ ଆଲୋଚନା କରିଥିଲେ। ଦଳର ନେତାମାନେ ଦର୍ଶାଇଥିଲେ, ଧାନ ସଂଗ୍ରହରେ ଚାଷୀଙ୍କୁ ହଇରାଣ କରାଯାଉଛି। କୁଇଣ୍ଟାଲ ପିଛା ୮ରୁ ୧୦ କେଜି କଟନୀଛଟନୀ କରାଯାଉଛି। ଏଥିରେ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ମିଲର୍ସମାନଙ୍କୁ ପରୋକ୍ଷ ଭାବେ ସହଯୋଗ କରୁଛନ୍ତି। ସଦର ଉପଖଣ୍ଡରେ ଏଭଳି ଅଭିଯୋଗ ହୋଇଥିଲେ ମଧ୍ୟ ଯୋଗାଣ ବିଭାଗ କ'ଣ ପଦକ୍ଷେପ ନେଇଛି ବୋଲି ପ୍ରଶ୍ନ କରିଥିଲେ। କୁଚିଣ୍ଡା ଉପଖଣ୍ଡରେ ଆଜି ଦିନରେ ପ୍ରାୟ ୩ ଲକ୍ଷ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡିରହିଛି। ଚାଷୀମାନେ ଶୀତ କାକରରେ ଜଗି ବସିଛନ୍ତି। ଏ ନେଇ ଚାଷୀମାନେ ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ସଦର ଉପଖଣ୍ଡରେ ମଣ୍ଡିରୁ ସିଧାସଳଖ ମିଲକୁ ଧାନ ଯାଉଛି। ତେଣୁ ମିଲର୍ସ ଆରାମରେ ଧାନ ସଂଗ୍ରହ କରୁଛନ୍ତି। ହେଲେ କୁଚିଣ୍ଡା ଉପଖଣ୍ଡରେ ଧାନ ମଣ୍ଡିରେ ଖାଲି କରାଯାଉଛି। ତାହାକୁ ପୁଣି ଓଜନ କରି ଲୋଡ୍ କରି ଆଣିବାକୁ ପଡୁଛି। ମିଲର୍ସଙ୍କ ଉପରେ ଯୋଗାଣ ବିଭାଗର ନିୟନ୍ତ୍ରଣ ରହୁନାହିଁ। ରାଜ୍ୟ ସରକାର ଧାନ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି ବୋଲି କହି ନେତାମାନେ ବର୍ଷିଥିଲେ। ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଅନ୍ନପୂର୍ଣ୍ଣା ବାରିକ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସମୀର ରଞ୍ଜନ ବାବୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଟସର ପାର୍କ ସ୍ଥାନାନ୍ତର ଦାବି

ଲହୁଣୀପଡା, ୧୮।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତର ଖୁଣ୍ଟୁଗାଁଠାରେ ହେବାକୁ ଥିବା ଟସର୍ ଶିଳ୍ପି ପାର୍କକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି । ପ୍ରସ୍ତାବିତ ସ୍ଥାନରେ ଯଦି ଟସର୍ ଶିଳ୍ପି ପାର୍କ କରାଯାଏ ତାହେଲେ ଭବିଷ୍ୟତରେ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ବୋଲି ଅଭିଯୋଗକାରୀମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଟସର ପାର୍କ ପାଇଁ ଆବଶ୍ୟକ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ସେଥିମଧ୍ୟରୁ ଜାଣିବାକୁ ମିଳେ ଯେ, ଖୁଣ୍ଟୁଗାଁ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର ଖେଳ ପଡିଆ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ବ୍ୟବହାର କରୁଛନ୍ତି। ସେହି ପଡିଆକୁ ଲାଗି ରହିଥିବା ଖୁଣ୍ଟୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜମିରେ କିଛି ଅଂଶକୁ ମିଶାଇ ଏହି ଟସର୍ ପାର୍କ ନିର୍ମିତ ହେବ। ଯଦ୍ୱାରା କି ସ୍କୁଲର ଛାତ୍ରୀଛାତ୍ର କ୍ରୀଡା କସରତ ପାଇଁ ଅସୁବିଧା ପାଇବେ। ଖୁଣ୍ଟୁଗାଁ ଅଞ୍ଚଳବାସୀ ଆଗାମୀ ଭବିଷ୍ୟତରେ ଉକ୍ତ ସ୍ଥାନରେ କଲେଜ ସ୍ଥାପନା ପାଇଁ ଯୋଜନା ମଧ୍ୟ ରଖିଛନ୍ତି। ଡାକ୍ତରଖାନା ଓ ହାଇସ୍କୁଲ ଜମିରେ ଟସର୍ ପାର୍କ କରାଗଲେ ଭବିଷ୍ୟତରେ ବହୁ ଅସୁବିଧାର ସମ୍ମୁଖିନ ହେବାର ଆଶା ନେଇ ଅଭିଯୋଗ କରାଯାଉଛି। ଖୁଣ୍ଟୁଗାଁ ପଞ୍ଚାୟତରେ ଅନେକ ଗ୍ରାମରେ ସରକାରୀ ଜମି ଅଛି। ସେଥି ମଧ୍ୟରୁ କୌଣସି ସ୍ଥାନରେ ଏହି ଟସର୍ ପାର୍କ କରାଗଲେ ଆମର କୌଣସି ଆପତ୍ତି ନାହିଁ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଥିବା ଜାଣିବାକୁ ମିଳିଛି। ଏହି ଅଭିଯୋଗ ପତ୍ରକୁ ଶୁକ୍ରବାର ଲହୁଣୀପଡା ତହସିଲଦାରଙ୍କୁ ପ୍ରଦାନ କରିବା ସହିତ ଏହାର ଅବିକଳ ନକଲ ଉପଜିଲାପାଳ ବଣାଇ, ଜିଲାପାଳ ସୁନ୍ଦରଗଡ ଓ ରେଶମ ନିର୍ଦ୍ଦେଶାଳୟକୁ ପ୍ରଦାନ କରାଯାଇଛି।

## ସ୍ଥାୟୀ ପଟ୍ଟା ଦାବିକଲେ କେନାଲପଡ଼ାବାସୀ

ସମ୍ବଲପୁର,୧୮।୧୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ସିନ୍ଦୂରପଙ୍କ କେନାଲପଡା, ଛକପଡା, ପଞ୍ଚାୟତ ପଡ଼ାବାସୀ ଶୁକ୍ରବାର ସ୍ଥାୟୀ ପଟ୍ଟା ପାଇଁ ଜିଲାପାଳଙ୍କ ଅଫିସରେ ଦାବିପତ୍ର ପ୍ରଦାନ କରିଛନ୍ତି । ପରେ ମାନେଶ୍ୱର ତହସିଲଦାର ରଶ୍ମିତା ନାଥଙ୍କ ସହ ଆଲୋଚନା କରିଛନ୍ତି। ଅଭିଯୋଗ କ୍ରମେ ସେମାନେ ବହୁବର୍ଷ ଧରି ଉପରୋକ୍ତ ଅଞ୍ଚଳରେ ରହିଆସୁଥିଲେ ହେଁ ସରକାରଙ୍କ ଯୋଜନାରେ ପଟ୍ଟା ପ୍ରଦାନ କରାଯାଉ ନାହିଁ। ତେଣୁ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ସଂଯୁକ୍ତା ସେଠ, ସୁରତି ମାଝି, ଉଜଳ ମାଝି, ସରୋଜିନୀ ମାଝି, ଟିକେଶ୍ୱର ରୋହିଦାସ, ବିଜିଳି ଝରିଆ, ପଦ୍ମା ଝରିଆ, ବବିତା ରୋହିଦାସ ପ୍ରମୁଖ ଦାବି କରିଥିଲେ। ଏ ସମ୍ପର୍କରେ ମାନେଶ୍ୱର ତହସିଲଦାର ନାଥ କହିଛନ୍ତି, ସେମାନେ ଯେଉଁ ସ୍ଥାନରେ ରହୁଛନ୍ତି ତାହା ପଟ୍ଟା ଦେବା ନିୟମ ଭିତରେ ଆସୁ ନାହିଁ। ହେଲେ ସରକାରଙ୍କ ଯୋଜନା ଅନୁସାରେ ଜମି ଯୋଗାଇ ଦିଆଯିବ। ସହର ତଳି ଅଞ୍ଚଳବାସୀଙ୍କୁ ଯେଭଳି ସୁବିଧା ଦିଆଯିବ ସେମାନଙ୍କୁ ମଧ୍ୟ ସମାନ ସୁବିଧା ଯୋଗାଇ ଦିଆଯିବ।

## ବିଦ୍ୟୁତ୍ ଘରୋଇକରଣ ବିରୋଧରେ ଧାରଣା ଜାରି


ଜିଲା ଓକିଲ ସଂଘକୁ ପ୍ରତିନିଧି ଦଳ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୧୮।୧୨(ବ୍ୟୁରୋ)

ବିଦ୍ୟୁତ୍ ଘରୋଇକରଣକୁ ବିରୋଧ କରି ୱେସ୍କୋ ଶ୍ରମିକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ବୁର୍ଲା କର୍ପୋରେଟ ଅଫିସ ସହିତ ସମସ୍ତ ସର୍କଲ ଅଫିସରେ ଧାରଣା ଜାରି ରହିଛି। ଏକ ପ୍ରତିନିଧି ଦଳ ଜିଲା ଓକିଲ ସଂଘକୁ ଭେଟି ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସାଧାରଣ ପରିଷଦ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଥିଲେ। ପ୍ରତିନିଧି ଦଳରେ ଲଳିତ ପଟ୍ଟନାୟକ, ପ୍ରଣୟ ନାଏକ, ଶ୍ରମିକ ସଂଘ ଡେପୁଟି ସମ୍ପାଦକ ନାଟୁ ଗୋପାଳ ପାତ୍ର, ରଞ୍ଜିତ ଗୟା, ପ୍ରଦୀପ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଘରୋଇକରଣ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଆର୍ଥିକ ଅନିୟମିତତା ହୋଇଛି। ଘରୋଇ କମ୍ପାନୀ ରାଜସ୍ୱ ଲୁଟ୍ କରିଥିବା ନଜିର ରହିଛି। ଏପରିସ୍ଥଳେ ପୁଣି ୱେସ୍କୋକୁ ଟାଟା ପାୱାର (ଘରୋଇ କମ୍ପାନୀ) ହାତରେ ଟେକିଦିଆଯିବା ଉପଭୋକ୍ତାଙ୍କ ପ୍ରତି ଉପହାସ ସଦୃଶ। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ।

# ବିକାଶ ହସ୍ପିଟାଲର ସିଟି କ୍ଲିନିକ ଉଦ୍‌ଘାଟିତ

ସମ୍ବଲପୁର, ୧୮।୧୨ (ବ୍ୟୁରୋ)

ସମ୍ବଲପୁର ବୁଢ଼ାରଜାଠାରେ ବିକାଶ ହସ୍ପିଟାଲର ସିଟି କ୍ଲିନିକ୍ ବହିର୍ବିଭାଗ ସେବା ଶୁକ୍ରବାର ଆରମ୍ଭ ହୋଇଛି। ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଏହାକୁ ଉଦ୍‌ଘାଟନ କରିଥିଲେ। ସିଟି କ୍ଲିନିକ୍‌ରେ ନିୟମିତ ଭାବେ ବିଭିନ୍ନ ବିଭାଗର ସୁପର୍ ସ୍ପେସିଆଲିଷ୍ଟ ଡାକ୍ତର ଉପଲବ୍ଧ ରହିବେ। ହୃଦ୍‌ରୋଗ ବିଶେଷଜ୍ଞ ପ୍ରତ୍ୟେକ ସୋମବାର, ମଙ୍ଗଳବାର, ଶୁକ୍ରବାର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସେହିପରି ମେଡିସିନ୍ ବିଶେଷଜ୍ଞ ସୋମବାର, ବୁଧବାର ଓ ଶୁକ୍ରବାର, ମୂତ୍ରରୋଗ ବୁଧବାର, ଶଲ୍ୟ (ସର୍ଜରୀ) ବିଶେଷଜ୍ଞ ପ୍ରତ୍ୟେକ ଗୁରୁବାର, କିଡ୍‌ନୀ ରୋଗ ବିଶେଷଜ୍ଞ ଓ କର୍ଣ୍ଣ, ନାସା ଓ ଗଳା ରୋଗ ବିଶେଷଜ୍ଞ ପ୍ରତ୍ୟେକ ଶୁକ୍ରବାର, ନବଜାତ ଶିଶୁରୋଗ ବିଶେଷଜ୍ଞ ବୁଧବାର ଓ ଶନିବାର, ଚକ୍ଷୁରୋଗ ବିଶେଷଜ୍ଞ ପ୍ରତି ଶନିବାର ଚିକିତ୍ସା କରିବେ ବୋଲି ବିକାଶ ଗ୍ରୁପ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଅତ୍ୟାଧୁନିକ ଯନ୍ତ୍ରପାତି ଯୁକ୍ତ ପରୀକ୍ଷାଗାରରେ ପାଥୋଲୋଜିଷ୍ଟଙ୍କ ତତ୍ତ୍ୱାବଧାନରେ ପାଥୋଲୋଜି ସେବା ମଧ୍ୟ ଉପଲବ୍ଧ ହେବ। ବିକାଶ ହସ୍ପିଟାଲ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡା. ରବି କୁମାର, ମେଡିକାଲ୍ ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର, ମେଡିସିନ୍ ବିଶେଷଜ୍ଞ ଡା. ନିଶାନ୍ତ ଦେବତା, ନେଫ୍ରୋଲୋଜିଷ୍ଟ ଡା. ସୁଧାଂଶୁ ଶେଖର ଭୋଇ ପ୍ରମୁଖ ଯୋଗଦେଇଥିଲେ।

## ପଦ୍ମପୁର ଘାଟ ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ

ଲଖନପୁର,୧୮।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭିକମପାଲି ପଞ୍ଚାୟତର ପଦ୍ମପୁର ଘାଟରୁ ବରଗଡ ଜିଲା ଜରିମୁଲିକୁ ସଂଯୋଗ କରିବା ପାଇଁ ମହାନଦୀ ଉପରେ ଏକ ସେତୁ ନିର୍ମାଣ ଲାଗି ଉଭୟ ଜିଲାବାସୀ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ଏହି ଦାବିକୁ ନେଇ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ପିଡବ୍ଲ୍ୟୁଡି ଓ ଆର୍‌ଡି ବିଭାଗର ଅଧିକାରୀମାନଙ୍କୁ ଶୁକ୍ରବାର ସାଙ୍ଗରେ ଧରି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଏ ସମ୍ପର୍କରେ ସେ ଉଭୟ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଏମ୍‌ପି ପୂଜାରୀ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ମିଶି ମହାନଦୀରେ ମୋଟର ଚାଳିତ ଡଙ୍ଗାରେ ବରଗଡ ପଟକୁ ଯାଇଥିଲେ। ସେଠାରେ ବରଗଡ ଜିଲାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଏମ୍‌ପି ପୂଜାରୀ, ପିଡବ୍ଲ୍ୟୁଡି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପ୍ରଦୀପ କୁମାର ନାଥ, ଏସ୍‌ସି ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ଆର୍‌ଡି ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ମନୋରଞ୍ଜନ ପଟ୍ଟନାୟକ, ଏଇ ଦୋଳଗୋବିନ୍ଦ ଭୋଇ, ଜେଇ ଦେବାନନ୍ଦ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ସେତୁ ସହିତ ବ୍ୟାରେଜ ନିର୍ମାଣ ହେଲେ ଉଭୟ ଜିଲାର ଗମନାଗମନ ସାଙ୍ଗକୁ ଜଳସେଚନର ସୁବିଧା ହେବ।

# ଆର୍‌ଏସ୍‌ଏସ୍, ଗାଙ୍ଗପୁର ମଜଦୁର ମଞ୍ଚର ବିକ୍ଷୋଭ

ରାଉରକେଲା ଅଫିସ, ୧୮। ୧୨


ସେକ୍ଟର-୫ ଟାଉନ ଇଞ୍ଜିନିୟରିଂ ସମ୍ମୁଖରେ ଗଣ ବିକ୍ଷୋଭ କରାଯଉଛି।

୧୨ଦଫା ଦାବି ନେଇ ଶୁକ୍ରବାର ଅପରାହ୍ନରେ ରାଉରକେଲା ଶ୍ରମିକ ସଂଘ (ଆରଏସଏସ) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମଏମ) ମିଳିତ ଆନୁକୂଲ୍ୟରେ ସେକ୍ଟର-୫ ଟାଉନ ଇଞ୍ଜିନିୟରିଂ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛି। ଗାଙ୍ଗପୁର ମଜଦୁର ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଓ ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ୟୁନିୟନ ନେତୃମଣ୍ଡଳୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଯେଉଁ ଆର୍‌ଏସ୍‌ପି କ୍ୱାର୍ଟର୍ସରେ ବିଦ୍ୟୁତ ମିଟର ଠିକ ଅଛି ତାକୁ ପରିବର୍ତ୍ତନ କରା ନ ଯାଉ। ବଦଳରେ ବନ୍ଦ କରାଯାଇଥିବା ବାଥରୁମ ଲାଟିନରେ ଟାଇଲ ବିଛା କାର୍ଯ୍ୟ ଆରମ୍ଭ କରାଯାଉ। ଏଥିସହ ଓଭର ହେଡ ଟାଙ୍କି ବସାଯାଉ। ଅଭିଯୋଗ ଅନୁସାରେ ସିଭିଲ. ଇଲେକ୍ଟ୍ରିକାଲ ଓ ଡ୍ରେନ ଜାମ ସମସ୍ୟାର ତତ୍କାଳ ମରାମତି କରିବାକୁ ଦାବି କରାଯାଇଥିଲା। ଅନୁରୂପ ଭାବେ ନୂଆ ଆଲଟମେଣ୍ଟ ଘର ନବୀକରଣ ପ୍ରତି ଦୃଷ୍ଟି ଦିଆଯାଉ। ଷ୍ଟିଲ ଟାଉନସିପର ଯେଉଁ ବ୍ଲକ ଓ ଘରକୁ ପାଣି ଆସୁନି, ସେଥିପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଉ। ପାଣି ଅପଚୟ ରୋକିବାକୁ ପଦକ୍ଷେପ ନିଆଯାଉ ବୋଲି ଏଥିରେ ଦାବି କରାଯାଇ ଥିଲା। ବିଭିନ୍ନ ବାସଗୃହ ପରିସରରେ ଅବ୍ୟବସ୍ଥିତ ଗଛଗୁଡିକ ପ୍ରତି ଦୃଷ୍ଟି ଦିଆଯାଇ ଓ ଏହାର ଟ୍ରିମିଂ କରାଯାଉ। ଇସ୍ପାତ ସହରାଞ୍ଚଳ ମଧ୍ୟରେ ରହିଥିବା ରାସ୍ତାଘାଟର ବିକାଶ ପ୍ରତି ଦୃଷ୍ଟି ଦିଆଯାଉ। ଏହା ବ୍ୟତୀତ ବିଭିନ୍ନ ସେକ୍ଟର ଅଞ୍ଚଳରେ ରହିଥିବା ପାର୍କ ଓ ଫିଟନେସ ପାଥର ଉନ୍ନତିକରଣ ଲାଗି ପଦକ୍ଷେପ ନିଆଯାଉ। ବାସଗୃହ ମରାମତି ନେଇ ରହିଥିବା ବଜେଟ ବୃଦ୍ଧି କରିବା, ସର୍ବସାଧାରଣ ସ୍ଥଳରେ ସାନିଟାଇଜ କରିବା, ଏଥିସହ ଅନଲାଇନ ଅଭିଯୋଗ ନେଇ ରହିଥିବା ସମସ୍ୟା ଦୂର କରିବାକୁ ଉଭୟ ୟୁନିୟନ ନେତୃମଣ୍ଡଳୀ ଦାବି କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜର୍ଜ ତିର୍କୀ ଓ ପ୍ରଶାନ୍ତ ବେହେରାଙ୍କ ସହ ଗୋପାଳ ଦାସ, ଦିଲ୍ଲୀପ ମହାପାତ୍ର, ଆରକେ ପଣ୍ଡା ଓ ନିହାର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ନିହାର ସାମଲ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ହୃଦ୍‌ଘାତରେ ମହିଳାଙ୍କ ମୃତ୍ୟୁ

ଅତାବିରା,(ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ସୁଖପାଲି ଗ୍ରାମର ଜଣେ ମହିଳା ଶାନ୍ତି କୁଦେଇ (୫୦)ଙ୍କ ଗତ ଗୁରୁବାର ରାତିରେ ହୃଦଘାତରେ ମୃତ୍ୟୁ ହୋଇଛି । ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜାମଟିକ୍ରା ଧରିତ୍ରୀ ଖବରଦାତାଙ୍କ ବଡଭଉଣୀ ଅଟନ୍ତି । ମୃତା ମହିଳାଙ୍କ ଏକମାତ୍ର ପୁତ୍ର ଦିଆଲି ମୁଖାଗ୍ନି ଦେଇଥିଲେ ।

**ସଂକ୍ଷେପରେ**

## କୋର୍ଟ ଚାଲାଣ ବେଳେ ଅଭିଯୁକ୍ତ ଫେରାର

ତରବୋଡ, ୧୮।୧୨ (ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପାଇଁ ନେଉଥିବା ବେଳେ ଫେରାର ହୋଇଛନ୍ତି। ଫେରାର ଅଭିଯୁକ୍ତ ହେଲେ ସିନାପାଲି ଥାନାର ବୈଷ୍ଣବ ମାଝି (୨୩)। ବୋଡେନ ପୋଲିସ ତାଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଗତ ୧୫ ତାରିଖ ରାତିରେ ସିନାପାଲି ଥାନା ନଙ୍ଗଲବୋର୍ଡ ପଞ୍ଚାୟତ ଭଟାପାଣି ଗାଁର ୨ ଜଣ ଶିଶୁଙ୍କ ସମେତ ୧୫ ଜଣ ଦାଦନ ଶ୍ରମିକଙ୍କୁ ହାଇଦ୍ରାବାଦ ଚାଲାଣ ପାଇଁ ଆଣିଥିଲେ । ଗୁରୁବାର ମଧ୍ୟାହ୍ନରେ ବୋଡେନ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଦହନାପାଲି ଗାଁରେ ଚଢ଼ାଉ କରି ୧୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ବେଆଇନ ଦାଦନ ଚାଲାଣ ଅଭିଯୋଗରେ ସିନାପାଲି ଥାନା କେନ୍ଦୁଲକୋନା ଗାଁର ବୈଷ୍ଣବ ମାଝି ଓ ରିପୁ ମାଝିଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ଦାଦନ ଦଲାଲ ବୈଷ୍ଣବ ଓ ରିପୁଙ୍କୁ ସିନାପାଲି କୋର୍ଟ ଚାଲାଣ କରିଥିଲା। ଉଭୟଙ୍କୁ ନେଇ ପୋଲିସ ସିନାପାଲି ଅଭିମୁଖେ ବାହାରିଥିଲେ। ସିନାପାଲି ଥାନା ରାନିମୁଣ୍ଡା ଓ ଟିମନପୁର ଗାଁ ମଝିରେ ଉଭୟ ପରିଶ୍ରା କରିବା ବାହାନା କରି ଫେରାର ମାରିଥିଲେ । ପରେ ପୋଲିସ ପିଛା କରି ରିପୁଙ୍କୁ ଗିରଫ କରିଥିବା ବେଳେ ବୈଷ୍ଣବଙ୍କ କୌଣସି ଖୋଜଖବର ମିଳିନାହିଁ। ବୋଡେନ ଥାନା ଆଇଆଇସି ଶୁଭଙ୍କର ସେଠଙ୍କୁ ପଚାରିବାରୁ ଫେରାର ଅଭିଯୁକ୍ତଙ୍କୁ ଖୋଜାଯାଉଛି ଏବଂ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛନ୍ତି ।

## ମଣ୍ଡି ପରିଦର୍ଶନ କଲେ ଜିଲା ଯୋଗାଣ ଅଧିକାରୀ

ଖଡିଆଳ,୧୮।୧୨ (ଡି.ଏନ.ଏ.): ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲାରେ ଥିବା ବିଭିନ୍ନ ମଣ୍ଡିକୁ ଜିଲା ଯୋଗାଣ ଅଧିକାରୀ ବୁଲି ଦେଖିଥିଲେ । ମଣ୍ଡି ବ୍ୟବସ୍ଥାରେ କୌଣସି ଅବ୍ୟବସ୍ଥା ନ ହେବା ସହ ଚାଷୀ ନିଜ ଉତ୍ପାଦିତ ଧାନର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଜିଲା ପ୍ରଶାସନ ଏହି ଭଳି ପଦକ୍ଷେପ ନେଇଥିବା ବେଳେ ଗଣ୍ଡାବାହାଲି ମଣ୍ଡିରେ ଧାନର କଟନି ଛଟନି ଅଭିଯୋଗକୁ ଭିତ୍ତିକରି ଜିଲା ଯୋଗାଣ ଅଧିକାରୀ ଉକ୍ତ ମଣ୍ଡି ପରିଦର୍ଶନ କରିଛନ୍ତି । ମଣ୍ଡିରେ ଧାନର ସହାୟକ ମୂଲ୍ୟ ପ୍ରଦାନ ଉପରେ ପଦକ୍ଷେପ ନେଇଛନ୍ତି । ସେହିପରି ଜିଲାରେ ୨୬ଟି ସମବାୟ ସମିତି ଦ୍ୱାରା ୫୫ଟି ମଣ୍ଡି ପରିଚାଳିତ ହୋଇଥିବା ବେଳେ ୨୨ଟି ମହିଳା ସ୍ୱୟଂ ସହାୟକ ଦ୍ୱାରା ୨୨ଟି ମଣ୍ଡିରେ ଧାନ କ୍ରୟ ଦାୟିତ୍ୱ ନେଇଛନ୍ତି ।

## ପୋଖରୀକୁ ପଶିଲା ଭ୍ୟାନ: ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ଖଡିଆଳ, ୧୮।୧୨ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ନେହେନା ମହାବୀର ରାଇସ ମିଲ୍ ପାଖରେ ଥିବା ପୋଖରୀ ଭିତରେ ପିକଅପ ଭ୍ୟାନ ପଶି ଦୁର୍ଘଟଣା ଗ୍ରସ୍ତ ହୋଇଛି। ହେଲେ ସୌଭାଗ୍ୟବଶତଃ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଗୁରୁବାର ରାତି ୧୦ଟାରେ ଖଡିଆଳରୁ ସିନାପାଲି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ପୋଖରୀରେ ପଶି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହି ପୋଖରୀରେ ୧୦ ଫୁଟରୁ ଅଧିକ ପାଣି ଥିବା ଜଣାପଡିଛି।

## ଗର୍ଭଣାରେ କୃତ୍ରିମ ପ୍ରଜନନକାରୀଙ୍କ ବୈଠକ

ଅତାବିରା, ୧୮।୧୨ (ଡି.ଏନ.ଏ): ସମ୍ବଲପୁର ଜିଲା ଓମଫେଡ ପରିଚାଳିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସମବାୟ ସଂଘ ଲିଃ ଅଧୀନ ଚିପିଲିମା ୟୁନିଟ ଦୁଗ୍ଧମାର୍ଗ ଗର୍ଭଣା ଶୀତଳ କେନ୍ଦ୍ର ପରିସରରେ କୃତ୍ରିମ ପ୍ରଜନନକାରୀଙ୍କ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଡଭଗା ଦୁଗ୍ଧମାର୍ଗର କୃତ୍ରିମ ପ୍ରଜନନକାରୀମାନେ ଯୋଗ ଦେଇଥିଲେ। ଚିପିଲିମା ୟୁନିଟ ଭାରପ୍ରାପ୍ତ ଅଧିକାରୀ ସଞ୍ଜୀବ କୁମାର ଶତପଥୀ, କ୍ଷେତ୍ର ପରିଦର୍ଶକ ସନ୍ତୋଷ ଦେହୁରୀ ଯୋଗଦେଇ କୃତ୍ରିମ ପ୍ରଜନନକାରୀମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କୃତ୍ରିମ ପ୍ରଜନନକାରୀ ପ୍ରେମାନନ୍ଦ ଦେହୁରୀ, ମାନଭଞ୍ଜନ ଦନ୍ତା, ହୃଷିକେଶ ଖମାରୀ, ରଜତ ସାହୁ, ଚକାନନ ମହାଲିଙ୍ଗ, ବିନୋଦ ମହାକୁର ପ୍ରମୁଖ ଯୋଗ ଦେଇଥିଲେ ।

# ଡିଜିଟାଲ ଧନୁଯାତ୍ରା ହେଉ

## ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଦାବି

ବରଗଡ଼ ଅଫିସ୍,୧୮।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଏଥର ବାତିଲ କରି ଦିଆଯାଇଛି। କରୋନା କଟକଣା ଯୋଗୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଧନୁଯାତ୍ରା ମହୋତ୍ସବ ସମିତି ସୂଚନା ଦେଇଛି। ଏଭଳି ନିଷ୍ପତ୍ତି ପରେ ଧନୁଯାତ୍ରା ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ପ୍ରଧାନଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ ।

ବରଗଡ଼ ଧନୁଯାତ୍ରା ବରଗଡ଼ ସମେତ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଜଡ଼ିତ ରହିଛି । ଧନୁଯାତ୍ରା ମହୋତ୍ସବ ବାତିଲ ହେବା ପରେ ତାହା ସମସ୍ତଙ୍କ ଭାବାବେଗକୁ ଆଘାତ ଦେଇଛି । ଏପରିକି ଧନୁଯାତ୍ରା କଳାକାରଙ୍କ ଅଭିନୟ ଆଶା ଧୂଳିସାତ୍ ହୋଇଯାଇଛି। ସେମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ଫଳରେ ଡିଜିଟାଲ ମାଧ୍ୟମରେ ଧନୁଯାତ୍ରା କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ପଶ୍ଚିମଓଡ଼ିଶା ଯୁବାମଞ୍ଚ ଜିଲାପାଳଙ୍କୁ ନିବେଦନ କରିଛି। ସ୍ମାରକପତ୍ର ପ୍ରଦାନ ସମୟରେ ପଶ୍ଚିମଓଡ଼ିଶା ଯୁବାମଞ୍ଚ ସଭାପତି ଅଜିତ ପତି, ନରେଶ ପ୍ରଧାନ, ସୁମନ୍ତ ଶତପଥୀ, ସ୍ୱରୂପ ମିଶ୍ର, ଦେବେନ୍ଦ୍ର ପଟେଲ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ବରଗଡ଼ ଡେପୁଟି କଲେକ୍ଟର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

## ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଫେରାର


ଉଦ୍ଧାର ଦାଦନ ଶ୍ରମିକମାନେ।

କଣ୍ଟାବାଞ୍ଜି, ୧୮।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରି ଡୁମେରଚୁଆଁ-କଣ୍ଟାବାଞ୍ଜି ରାସ୍ତା ମହାବୀର ରେସିଡେନ୍ସି ନିକଟରେ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୪ ଜଣ ମହିଳା, ୩ ନାବାଳକ ସହ ୧୬ ଜଣ ପୁରୁଷ ଅଛନ୍ତି। ପୋଲିସ ଉଦ୍ଧାର ପରେ ଥାନାକୁ ଆଣି ପୁଚୁରାଉଚୁରା କରି ଶ୍ରମିକମାନଙ୍କୁ ରାତାରାତି ନିଜ ଗ୍ରାମକୁ ପଠାଇ ଦେଇଛି। ଏମାନଙ୍କ ପାଖରେ କୌଣସି କାଗଜାଦ ନ ଥିବାରୁ ବେଆଇନ ଚାଲାଣ କରୁଥିବା ଜଣାପଡ଼ିଛି। ଦାଦନ ଶ୍ରମିକମାନେ ସର୍ଦ୍ଦାରଙ୍କ ଗାଁ ଖଗସାରୁ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନକୁ ଯାଉଥିଲେ। ଶ୍ରମିକମାନେ ଟିଟିଲାଗଡ ନିକଟସ୍ଥ ସିରୋଲ ଗ୍ରାମର ବୋଲି ଜଣାପଡିଥିବା ବେଳେ ଖଗସା ଗ୍ରାମର ଦାଦନ ସର୍ଦ୍ଦାର ମାୟା ତାଣ୍ଡି ବାହାର ରାଜ୍ୟକୁ ଚାଲାଣ କରୁଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଚଡାଉ କରି ସମସ୍ତଙ୍କ ଉଦ୍ଧାର କରିଛି। ଘଟଣାସ୍ଥଳରୁ ସର୍ଦ୍ଦାର ଫେରାର ହୋଇଥିବା ବେଳେ ଗାଡ଼ି (ନଂ.ଓଡି୦୩ଏ-୨୦୭୧)ର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପୋଲିସ ଅଧିକ ତଦନ୍ତ ଚଳାଇଛି। ଚଢାଉରେ ଆଇଆଇସି ସତ୍ୟଜିତ କନ୍ଦନକେଲଙ୍କ ସହ ଅନ୍ୟ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

## ଜଳିଗଲା ଫଳ ମାର୍କେଟ, ଜଣେ ଗୁରୁତର

ବଲାଙ୍ଗୀର ଅଫିସ,୧୮।୧୨

ବଲାଙ୍ଗୀର ସହର ସରକାରୀ ବସଷ୍ଟାଣ୍ଡ ପାଖ ନୂଆ ଫଳ ମାର୍କେଟରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଫଳ ଓ ଠେଲାଗାଡି ଜଳିପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଫଳ ମାର୍କେଟ ଭିତରେ ଶୋଇଥିବା ଜଣେ ଫଳ ବ୍ୟବସାୟୀ କୁନୁ ଦଳେଇ ଗୁରୁତର ହୋଇଛନ୍ତି। ତାଙ୍କୁ ପୋଲିସ ପିସିଆର ଗାଡି ଉଦ୍ଧାର କରି ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଫଳ ମାର୍କେଟରେ ଅଗ୍ନିକାଣ୍ଡ ଘଟଣା ପ୍ରତିବାଦରେ ଶୁକ୍ରବାର ଫଳ ଦୋକାନୀମାନେ ଫଳ ଦୋକାନ ବନ୍ଦ ରଖିଛନ୍ତି। ଅଗ୍ନିକାଣ୍ଡରେ ୧୩ଟି ଠେଲା ସମେତ ୧୦ ଲକ୍ଷ ଟଙ୍କାର ବିଭିନ୍ନ କିସମ ଫଳ ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ସର୍ଟ ସର୍କିଟ ଆଶଙ୍କା କରାଯାଉଥିଲେ ମଧ୍ୟ ବ୍ୟବସାୟିକ ବିବାଦକୁ ନେଇ ଅଗ୍ନିକାଣ୍ଡ ଘଟିଥିବା ଫଳ ବ୍ୟବସାୟୀମାନେ ସନ୍ଦେହ କରୁଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ ।

ଏ ନେଇ ଟାଉନ୍ ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକଙ୍କୁ ପଚରାଯିବାରୁ ଗୁରୁବାର ରାତି ପ୍ରାୟ ୧ଟାରେ ସରକାରୀ ବସଷ୍ଟାଣ୍ଡ ପାଖ ଫଳ ମାର୍କେଟରେ କୌଣସି କାରଣରୁ ନିଆଁ ଲାଗିଥିବା ଖବର ପାଇ ପୋଲିସ ପିସିଆର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏଦିଗରେ ତଦନ୍ତ କରାଯାଉଛି। ଜଣେ ଯୁବକ ପୋଡି ଯାଇଥିବାରୁ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅଗ୍ନିଶମ ଅଧିକାରୀ ପଞ୍ଚାନନ ବେହେରା ସର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିଲେ ମଧ୍ୟ ଅନ୍ୟ କାରଣକୁ ଅସ୍ୱୀକାର କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଫଳ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି ଯେ, ବ୍ୟବସାୟକୁ କେନ୍ଦ୍ର କରି କେହି ପେଟ୍ରୋଲ ଢ଼ାଳି ଏଭଳି କରିଛନ୍ତି। ପୋଲିସ ସିସିଟିଭି ଯାଞ୍ଚ କଲେ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ। ତୁରନ୍ତ କ୍ଷତିଗ୍ରସ୍ତ ଫଳ ବ୍ୟବସାୟୀଙ୍କୁ ଉଚିତ୍ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଟାଉନ୍ ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏହି ଫଳ ମାର୍କେଟରେ ଅଗ୍ନିକାଣ୍ଡ ଘଟଣାକୁ ନେଇ ଫଳ ବ୍ୟବସାୟୀମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।


ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ପାଖ ନୂଆ ଫଳ ମାର୍କେଟରେ ଅଗ୍ନିକାଣ୍ଡ ।

- ବ୍ୟବସାୟିକ ବିବାଦକୁ ନେଇ ଅଗ୍ନିକାଣ୍ଡ ସନ୍ଦେହ
- ପ୍ରତିବାଦରେ ଗୋଟିଏ ଦିନ ପାଇଁ ଫଳ ମାର୍କେଟ ବନ୍ଦ

## ଟ୍ରକ୍-ବୋଲେରୋ ଧକ୍କା: ସ୍ୱାମୀ, ସ୍ତ୍ରୀ ମୃତ

ତରବୋଡ, ୧୮।୧୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ବିଲେଇଝୋରଠାରେ ଏକ ସଡକ ଦୁର୍ଘଟଣାରେ ସ୍ୱାମୀ ସ୍ତ୍ରୀ ମୃତ୍ୟୁଙ୍କ ଘଟିଛି। ମୃତକ ହେଲେ ଗଜିନ୍ଦ୍ର ଦଣ୍ଡସେନା (୫୦) ଓ ସ୍ତ୍ରୀ ସୁଦେଷ୍ଣା (୪୫)। ଡ୍ରାଇଭରଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି। କୋମନା ଥାନା ତରବୋଡ ଗ୍ରାମର ଗଜିନ୍ଦ୍ର ଝିଅକୁ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ନୂଆପଡା ଗ୍ରାମରେ ବିବାହ ଦେଇଥିଲେ। କୌଣସି ଏକ କାମରେ ଗଜିନ୍ଦ୍ର ଓ ପରିବାର ଲୋକେ ବୋଲେରୋରେ ବଙ୍ଗୋମୁଣ୍ଡାକୁ ଯାଇଥିଲେ। ସେଠାରୁ ଝିଅ ଓ ନାତୁଣୀକୁ ଧରି ରାତିରେ ତରବୋଡକୁ ଫେରୁଥିଲେ। ରାତ୍ରି ପ୍ରାୟ ୧୧ଟା ୨୦ ମିନିଟରେ ଜାତୀୟ ରାଜପଥ ୩୫୩ ଉପରେ କୋମନା ଥାନା ବିଲେଇଝୋର ନିକଟରେ ଏକ ଟ୍ରକ ସହ ବୋଲେରୋ ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋକୁ ଟ୍ରକ ୧୦୦ ମିଟର ଦୂରକୁ ଘୋଷାଡି ନେଇଥିଲା। ଗଜିନ୍ଦ୍ର ଓ ସ୍ତ୍ରୀ ସୁଦେଷ୍ଣାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଲଭ ପାତ୍ର (୩୫), ରିଦ୍ଧି ପାତ୍ର (୧୧), ଜୟପ୍ରକାଶ ଗହିର (୫୦), ଲିଲାବତୀ ବାଗ (୪୫), ଗିରିଧାରୀ ବାଗ (୫୫)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ନୂଆପଡା ଜିଲା ଚିକିତ୍ସାଳୟ ଭର୍ତ୍ତି କରାଯାଇଛି। ସେଠାରେ ଗଜିନର ଝିଅ ଦୁର୍ଲଭ ଓ ରିଦ୍ଧି ପାତ୍ର ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଛତିଶଗଡ ରାୟପୁରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଦୁଇ ଜଣ କୋମାରେ ଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ। ଆହତମାନଙ୍କୁ କୋମନା ପୋଲିସ ଓ ଅଗ୍ନିଶମ ବିଭାଗ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲା । ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ନୂତନ କୃଷି ଆଇନ୍ ଉପରେ ଆଲୋଚନା

ଭବାନୀପାଟଣା, ୧୮।୧୨ (ଡି.ଏନ.ଏ)

କୃଷି ଓ କୃଷକର କଲ୍ୟାଣ ପାଇଁ ଅଣାଯାଇଥିବା ଯୁଗାନ୍ତକାରୀ କୃଷି ଆଇନକୁ ନେଇ କଳାହାଣ୍ଡି ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ନୂତନ କୃଷି ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏହି ଆଇନ ଦ୍ୱାରା ଚାଷୀ ପାଉଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । କେନ୍ଦ୍ର ସରକାର ଏହି ବିଧେୟକ ଆଣିବାର ୨୪ ଘଣ୍ଟା ଭିତରେ ଗହମ ସମେତ ୬ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିଛନ୍ତି । ଏହି ଆଇନ ଦ୍ୱାରା ୨୦୨୨ ସୁଦ୍ଧା କୃଷକ ତାର ଆୟକୁ ନିଶ୍ଚୟ ଦ୍ୱିଗୁଣିତ କରିପାରିବ ବୋଲି ଏମ୍‌ପି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ଜିଲା ଭାଜପା ସଭାପତି ଦେବେନ୍ଦ୍ର ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବରିଷ୍ଠ ଭାଜପା ନେତା ଭବେନ୍ଦ୍ର ପଣ୍ଡା, ଭାନୁ ପ୍ରକାଶ ରଥ, ଜୟଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ପରୀକୁ ନ୍ୟାୟ ପାଇଁ ଭାଜପାର ୮ କି.ମି. ପଦଯାତ୍ରା



ଭାଜପା ପକ୍ଷରୁ ପଦଯାତ୍ରା କରାଯାଉଛି।

ଭବାନୀପାଟଣା,୧୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ପରୀ ମାମଲାର ସବିଆଇ ତଦନ୍ତ ଓ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର ଦାବି ନେଇ ଶୁକ୍ରବାର ଭାଜପା ପକ୍ଷରୁ କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଏକ ବିରାଟ ପଦଯାତ୍ରା ହୋଇଯାଇଛି। ଦଳୀୟ କାର୍ଯ୍ୟାଳୟରୁ ପଦଯାତ୍ରା ବାହାରି ସହରର ଷ୍ଟେଟ୍ରୁ ଛକ, ମହାବୀରପଡା ଛକ, ସିନେମାହଲ ଛକ, ଘୋଡାଘାଟ ଛକ, ଗାନ୍ଧୀଛକ ଦେଇ ୮ କି.ମି. ପରିକ୍ରମା କରିଥିଲେ। ଏହି ସମୟରେ ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ନିଖୋଜ ଶିଶୁଙ୍କ ଉଦ୍ଧାର, ପରି ମାମଲାର ସିବିଆଇ ତଦନ୍ତ ଓ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର ଦାବି ନେଇ ବିଭିନ୍ନ ନାରାବାଜି କରିଥିଲେ। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ମହିଳା ନେତ୍ରୀ ବିନିତା ଦାଶ, ନିରୁପମା ନାଏକ, କୁନ୍ତି ପାଲ, ପୁଷ୍ପାଞ୍ଜଳୀ ତାଣ୍ଡି, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ଭବାନୀପାଟଣା ନଗର ସଭାପତି ସନ୍ତୋଷ ବିଶି, ରମେଶ ମାଝି, ଭଣ୍ଡେଶ୍ୱର ମହାପାତ୍ର, ବିରଞ୍ଚି ପ୍ରସାଦ ରଥ, ଆର୍ତ୍ତତ୍ରାଣ ମହାପାତ୍ର, ନରହରି ପଟ୍ଟନାୟକ, ହିମାଂଶୁ ପଣ୍ଡା, ଦୟାନିଧି ନାଏକ ପ୍ରମୁଖ ସାମିଲ ଥିଲେ।

## ତ୍ରିଦିବସୀୟ କ୍ରିକେଟ : ଲୁହୁରାମୁଣ୍ଡାକୁ ହରାଇ ନଅଗାଁ (ଖ)ଚାମ୍ପିୟନ

ଲୋଇସିଂହା, ୧୮।୧୨ (ଡି.ଏନ.ଏ.)

ଆଗଲପୁର ବ୍ଲକ ନଅଗାଁ (ଖ) କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ଚାଲିଥିବା ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଫାଇନାଲ ମ୍ୟାଚ ଆୟୋଜକ ନଅଗାଁ (ଖ) ଓ ଲୁହୁରାମୁଣ୍ଡା ମଧ୍ୟରେ ହୋଇଥିଲା । ଏଥିରେ ନଅଗାଁ (ଖ) ଏକାଦଶ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ନଅଗାଁ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧ ଉଇକେଟ ବିନିମୟରେ ୧୧୩ ରନ ସଂଗ୍ରହ କରିଥିଲା। ଲୁହୁରାମୁଣ୍ଡା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସୁରେଶ ମାହାଲିଙ୍ଗ ମୁଖ୍ୟଅତିଥି, ପିଇଓ ବଳରାମ ଧରୁଆ, ପ୍ୟାକ୍ସ ସମ୍ପାଦକ ପ୍ରିତମ ମିଶ୍ର, ଫକିର ବିଶ୍ୱାଳ, ବିନୋଦ କୁଅଁର, ଯୁଧିଷ୍ଠୀର ସାହୁ, ଗିରଧାରୀ ବିଶ୍ୱାଳ, ଜତିନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୈଳାସ ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ଦଳକୁ ୬ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୫ ହଜାର ୩ ଶହ ଟଙ୍କା ପୁରସ୍କାର ରାଶି ଦେଇ ଅତିଥି ପୁରସ୍କୃତ କରିଥିଲେ।

## ମୋ ସ୍କୁଲ ଅଭିଯାନକୁ ଭୂମିଦାନ

ବରଗଡ଼ ଅଫିସ୍,୧୮।୧୨

ବରଗଡ଼ ଜିଲା ଟୁକୁର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମକୁ ଗ୍ରାମର ରାଧେଶ୍ୟାମ ସାହୁ, ମୁକ୍ତା ସାହୁ, ଜୀବର୍ଦ୍ଧନ ସା, ଅଲେଖ ସା ପ୍ରମୁଖ ୩୭ ଡେସିମିଲ ଜମି ଦାନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭଟଲି ବିଡ଼ିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ସିଆର୍‌ସିସି ନେତ୍ରାନନ୍ଦ ମେହେର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ତ୍ତିକ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


ମୋ ସ୍କୁଲ ଅଭିଯାନକୁ ଭୂମିଦାନ କରାଯାଉଛି ।

## କେବଡା ନାଳ ସେତୁ ସମ୍ପୂର୍ଣ୍ଣ ଦାବିରେ ଗଣଧାରଣା

ତରବୋଡ, ୧୮।୧୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତୀସରା କେବଡା ନାଳ ସେତୁ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଧାପନ୍ତରିଆ ଭାବେ ପଡି ରହିଛି। ଏହା ଶୀଘ୍ର ସମ୍ପୂର୍ଣ୍ଣ କରିବା ସଙ୍ଗେ ଠିକାଦାର ଓ ସମ୍ପୃକ୍ତ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶୁକ୍ରବାର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣ ଦେଇଛନ୍ତି । ପ୍ରକାଶ ଯେ, କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ହାତୀସରାଠାରେ ଥିବା କେବଡା ନାଳ ଦେଇ ଦର୍ଲିପଡା, ସିଆଲଟି, ମିଛାପାଲି, ସୋସେଙ୍ଗ, ସୁନାବେଡା ୫ଟି ପଞ୍ଚାୟତ ପାଖାପାଖି ୩୦ ରୁ ୪୦ ଗାଁ ସେହି ରାସ୍ତା ଦେଇ ନୂଆପଡା, ତରବୋଡ, କୁରୁମପୁରୀ ଆଦି ସ୍ଥାନକୁ ଯାଇଥାନ୍ତି । ସେହି ନାଳ ଜଡାମୁଣ୍ଡା ସୁନ୍ଦର ଡ୍ୟାମ ସହିତ ସଂଯୋଗ କରୁଥିବାରୁ ପ୍ରାୟ ୬ ରୁ ୮ ମାସ ପାଣି ରହୁଛି । ଫଳରେ ଯାତାୟାତରେ ଅସୁବିଧାର ହେଉଛି । ଏହି ନାଳ ପାଇଁ ୨୦୦୭-୦୮ରେ ୫ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ ୨୦୧୫-୧୬ରେ ପୁଣି ୭ ଲକ୍ଷ ଟଙ୍କା ମୋଟ ୧୨ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଛି। ନିର୍ମାଣ କାର୍ଯ୍ୟ ୩ଟି ଖମ୍ବ (ପିଲର) ୩ ଫୁଟ ଉଠି ଆଜକୁ ପ୍ରାୟ ୧୨ ବର୍ଷ ହେବ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି । ଏହାର ପ୍ରତିବାଦରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଗଣଧାରଣାରେ ବସିଛନ୍ତି। ଅଧାପନ୍ତରିଆ କେବଡା ନାଳ ସେତୁ ଶୀଘ୍ର ସମ୍ପୂର୍ଣ୍ଣ କରାଯାଉ, ନିର୍ମାଣ କାର୍ଯ୍ୟରେ ଘୋଟାଲା କରିଥିବା ଅସାଧୁ ଠିକାଦାର ଓ ସମ୍ପୃକ୍ତ ଅଧିକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବି କରିଛନ୍ତି। ପର୍ଯ୍ୟନ୍ତ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣାରେ ବସିବୁ ଓ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି। ଦୁର୍ବଶା ରାଉତ, କମଳ ରାଉତ, ହରେଶ୍ୱର ଚନ୍ଦ୍ରକାର, କୈଳାଶ ବାଗ, ସାହରୁଖ ଖାନ, ଦେବଦତ୍ତ ଦିକ୍ଷିତ, ମୁନ୍ନା ଦେବାଙ୍ଗନ, ଭୀମ ଯାଦବ ପ୍ରମୁଖ କଂଗ୍ରେସ କର୍ମୀମାନେ ସାମିଲ ଥିଲେ ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି।